ମୋ ଭିତରର ସ୍ତ୍ରୀଲୋକ

ମୂଳ ହିନ୍ଦୀ : କବି ପବନ କରଣ
ଭାଷାନ୍ତର : ଅପର୍ଣ୍ଣା ମହାନ୍ତି

Source: Author, Digitized by PPRACHIN, SOA

ମୋ ଭିତରର ସ୍ତ୍ରୀଲୋକ

ମୂଳ ହିନ୍ଦୀ

କବି ପବନ କରଣ

ଭାଷାନ୍ତର

ଅପର୍ଣ୍ଣା ମହାନ୍ତି

ଜ୍ଞାନଯୁଗ ପବ୍ଲିକେଶନ

ନୂଆପଲ୍ଲୀ, ଭୁବନେଶ୍ୱର

Source: Author, Digitized by PPRACHIN, SOA

ମୋ ଭିତରର ସ୍ତ୍ରୀଲୋକ

ମୂଳ ହିନ୍ଦୀ
କବି ପବନ କରଣ

ଭାଷାନ୍ତର
ଅପର୍ଣ୍ଣା ମହାନ୍ତି

ପ୍ରକାଶନ ଉପଦେଷ୍ଟା
ଶ୍ରୀ ବିନୋଦ ବିହାରି ବିଶୋଇ
ମୋବାଇଲ ୯୯୩୭୬୯୪୭୮୧

ପ୍ରକାଶକ
ଜ୍ଞାନଯୁଗ ପବ୍ଲିକେଶନ
ଏନ୍-୬/୪୨୮, ଆଇ.ଆର୍.ସି. ଭିଲେଜ
ନୂଆପଲ୍ଲୀ, ଭୁବନେଶ୍ୱର-୧୫
ଫୋନ୍ ନଂ.-୨୫୫୨୦୯୧

ISBN—81-89726-97-8

ଅକ୍ଷର ବିନ୍ୟାସ
ବି. ଏନ୍. ଗ୍ରାଫିକ୍ସ
ଏନ୍-୫/୨୩୮, ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର

ପ୍ରଚ୍ଛଦ
ଦିଲ୍ଲୀପ କୁମାର ଶର୍ମା

ମୁଦ୍ରକ
କ୍ରିଏଟିଭ୍ ଅଫସେଟ୍
ନୂଆପଲ୍ଲୀ, ଭୁବନେଶ୍ୱର-୧୫

ମୂଲ୍ୟ : ଟ ୧୦୦/-

Published by Smt. Susama Bisoi on behalf of Gyanajuga Publication
N-6/428, IRC Village, Nayapalli, Bhubaneswar-751015, Orissa
Ph. : (0674) 2552091, 2556107

Source: Author, Digitized by PPRACHIN, SOA

କବି ପବନ କରଣଙ୍କ "ସ୍ତ୍ରୀ ମେରେ ଭିତର୍" କବିତା ସଂକଳନର ମୁଖଶାଳାରେ "ବିଷ୍ଣୁ ନାଗର"ଙ୍କ ମତାମତ ସେଥିରେ ସଂକଳିତ କବିତାର ସୂକ୍ଷ୍ମ ଓ ପ୍ରସାରିତ ଦିଗକୁ ଆଲୋକିତ କରିବାରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । କବିତାଗୁଡ଼ିକୁ ଭାଷାନ୍ତରିତ କଲାବେଳେ ମୁଁ ମଧ୍ୟ ବାରମ୍ବାର ସେଇସବୁ କଥା ଭାବିଛି ଯେ ପବନ କରଣ କିପରି ଏତେ ସହଜ ଭାବରେ ନାରୀର ପ୍ରେମ, ଦେହ ସଂପର୍କ, ପରକୀୟା ପ୍ରୀତିପରି ପ୍ରାୟ ଅନୁଚ୍ଚାରିତ ବାସ୍ତବତାକୁ ବ୍ୟକ୍ତ କରିପାରିଛନ୍ତି ତଥା ସେ ସମସ୍ତ ସତ୍ୟକୁ କେବଳ ତଥ୍ୟଭାବେ ପରିବେଷଣ କରିନାହାଁନ୍ତି ବରଂ ତାକୁ ଏକ କାବ୍ୟିକ ନ୍ୟାୟ ଓ କାବ୍ୟିକ ମର୍ଯ୍ୟାଦା ଦେବାରେ ସଫଳ ହୋଇପାରିଛନ୍ତି ।

ଆଶା କରୁଛି 'ପବନ କରଣ'ଙ୍କୁ ଓଡ଼ିଆ କାବ୍ୟଜଗତରେ ପରିଚିତ କରାଇବାର ମୋର ଏ ପ୍ରୟାସ ଭାଷାନ୍ତର ସାହିତ୍ୟରେ କେବଳ ଏକ ନୂତନ ସଂଯୋଜନ ହେବନାହିଁ ବରଂ ଓଡ଼ିଆ କବିତା-ପାଠକମାନଙ୍କ ମଧ୍ୟରେ ଏକ କାବ୍ୟିକ ଭାବାନ୍ତର ସୃଷ୍ଟି କରିବାରେ ସହାୟକ ହେବ ।

ଅପର୍ଣ୍ଣା ମହାନ୍ତି

Source: Author, Digitized by PPRACHIN, SOA

‘ପ୍ରେମରେ ବୁଡ଼ିଥିବା ମା’ ପ୍ରଥମ କରି ହିନ୍ଦୀ କବିତାରେ ପ୍ରବେଶ କରିଛି

ନୂଆମାନଙ୍କ ଭିତରେ ପବନ କରଣ ମୋର ପ୍ରିୟ କବି । ସେ କବିମାନଙ୍କ ମଧ୍ୟରୁ ଜଣେ, ଯିଏ ସମାଜର ଦଳିତ ନିପୀଡ଼ିତ ବର୍ଗଙ୍କର କେବଳ ଦରଦୀ ବନ୍ଧୁ କିମ୍ବା ପ୍ରତିନିଧି ନୁହେଁ ବରଂ ସେଇମାନଙ୍କ ଭିତରୁ ବାହାରିଥିବା କବି, ଯେ କି ସେହି ପୀଡ଼ିତ ମଣିଷମାନଙ୍କୁ ନିଜର ଏକ ସମଗ୍ର ସତ୍ତା ପରି ଦେଖନ୍ତି । କେବଳ ଏତିକି ନୁହେଁ ଗୋଆଲିଅର୍ ପରି ଏକ ପଛୁଆ ଇଲାକାରୁ ଆସିଥିବା ଏହି କବି ଏପରି ଏକ ଅଗ୍ରଗାମୀ-ସମ୍ବେଦନା ଏବଂ କ୍ରାନ୍ତିକାରୀ ସାମାଜିକ ଦୃଷ୍ଟି ପାଇଛନ୍ତି - ଯାହା ଖୁବ୍ ଉଚ୍ଚଶିକ୍ଷିତ ଓ ମହାନଗରୀବାସୀ ସମ୍ବେଦନଶୀଳ କବିମାନଙ୍କ ପାଖରେ ନାହିଁ । ଏପରି ବକ୍ତବ୍ୟ ପାଇଁ ମୁଁ କ୍ଷମା ଗୃହୁଁଛି କିନ୍ତୁ ଏହି ଦୃଷ୍ଟି ନଥିଲେ ପବନ କରଣ ‘ପ୍ରେମରେ ବୁଡ଼ିଥିବା ମା’ ପରି କବିତା ଲେଖିପାରିନଥାନ୍ତେ । ପବନ କରଣଙ୍କର କାବ୍ୟ-ଭଣ୍ଡାରରେ ଏପରି ଅନେକ କବିତା ଅଛି ଯେଉଁ ପ୍ରସଙ୍ଗରେ ଅଦ୍ୟାବଧି କୌଣସି ହିନ୍ଦୀ-କବି ଲେଖିବାକୁ ସାହସ କରିପାରିଛନ୍ତି, ନା ସେମାନଙ୍କ ପାଖରେ ଏପରି ବୋଧଶକ୍ତି, ସହାନୁଭୂତି ଓ କଳ୍ପନାଶକ୍ତି ପରିଲକ୍ଷିତ ହୋଇଛି । ତାଙ୍କର କବିତା ଏକପ୍ରକାର ଆମ ସମାଜର ନୂତନ ବ୍ୟାଖ୍ୟା ଅଟେ । ଏହିସବୁ କବିତାକୁ କେବଳ କବିତା ପାଇଁ ନୁହେଁ ବରଂ ଏଥିରେ ନିହିତ ଗଭୀର ଓ ବ୍ୟାପକ ସାମାଜିକ ଅବବୋଧ ନିମନ୍ତେ ମଧ୍ୟ ପଢ଼ାଯିବା ଦରକାର । ହିନ୍ଦୀର କେଉଁ କବିଙ୍କ ପାଖରେ ‘ଅସଲରେ ତାକୁ ବୁଝିବା ମାନେ ନିଜକୁ ବୁଝିବା’ ପରି କବିତାଟିଏ ଅଛି, ଯେଉଁଥିରେ କି ଜଣେ ପୁରୁଷ, ନିଜର ପତ୍ନୀ ତା’ର ପ୍ରେମିକ ସହିତ ଧରାପଡ଼ିବା ପରର ସ୍ଥିତିକୁ ନିଜର ମିତ୍ର ସହିତ ବିଚାର କରୁଛି ଓ ଦ୍ୱିତୀୟ ମିତ୍ର ତାକୁ କହୁଛି ଯେ ସେହି ସ୍ତ୍ରୀକୁ ବୁଝିବା ଇ ପ୍ରକୃତରେ ନିଜକୁ ବୁଝିବା... । ଏଠାରେ କୌଣସି ନୈତିକ ନିର୍ଣ୍ଣୟ ନାହିଁ ଏବଂ ଯଦି ଅଛି ତ ତାହା ସେହି ସ୍ତ୍ରୀ ଲୋକର ସପକ୍ଷରେ ଇ ଅଛି । ତାଙ୍କର କେତେକ କବିତାରେ ଏପରି ସାହସିକ ଦୃଷ୍ଟି ରହିଛି, ଯାହା ଭିତରେ ଭଉଣୀର ପ୍ରେମିକ କିମ୍ବା ଗୋଟିଏ ସୁନ୍ଦରୀ ଝିଅର ବାପା ବିଷୟରେ କବିତା ମଧ୍ୟ ରହିଛି । ‘ପୁରୁଷ’ ଶୀର୍ଷକ କବିତା ଏପରି ଏକ ପୁରୁଷ ବିଷୟରେ ଲେଖାହୋଇଛି ଯିଏ ବାପା ହୋଇପାରିବ ନାହିଁ ଓ ତା’ର ପତ୍ନୀ ଏହି ତଥ୍ୟ ମାନିବାକୁ ନାରାଜ ଓ ସେଥିପାଇଁ କୌଣସି ଶିଶୁକୁ ପୋଷ୍ୟସନ୍ତାନ କରିବାକୁ ପ୍ରସ୍ତୁତ ନୁହେଁ । ଏଥିନିମନ୍ତେ ପୁରୁଷଟି ଭିତରେ ଯେଉଁସବୁ ଦ୍ୱନ୍ଦ୍ୱ ସଂଘର୍ଷ ଗ୍ଲୁଛି ତାହା ପ୍ରଥମଥର ପାଇଁ କବିତାର ବିଷୟବସ୍ତୁ ପାଲଟିଛି । ପବନ ବାସ୍ତବିକ ନିଜ କବିତା ମାଧ୍ୟମରେ ପୁରୁଷ ଓ ସ୍ତ୍ରୀ ବିମର୍ଶ

Source: Author, Digitized by PPRACHIN, SOA

ଆରମ୍ଭ କରିଛନ୍ତି । ଏହା ମତେ ଅନେକ୍ ଦୃଷ୍ଟିକୋଣରୁ ଏ ପର୍ଯ୍ୟନ୍ତ ଚାଲିଥିବା ସ୍ତ୍ରୀ ବିମର୍ଶ ଭିତରେ ଅଧିକ ମହତ୍ତ୍ୱପୂର୍ଣ୍ଣ ଲାଗିଛି । ନୂଆପୀଢ଼ିର ସ୍ତ୍ରୀମାନଙ୍କ ସଂପର୍କରେ କୌଣସି ନୂଆ ପୁରୁଷ ବିମର୍ଶ ଅଦ୍ୟାବଧି ହିନ୍ଦୀ କବିତାରେ ଉଠିନାହିଁ । କହିଲେ ଅତ୍ୟୁକ୍ତି ହେବନାହିଁ ଯେ ପବନ କରଣ ଏହି ପରିପ୍ରେକ୍ଷୀରେ ଏହାର ଜଣେ ପୁରୋଧା ଅଟନ୍ତି – ଯଦି ଆଉ କେହି ଏହାର ପୁରୋଧା ହେବା ଦାବୀଦାର ଥାଆନ୍ତି ତ ।

ହୁଏତ ଏହା ବିଷୟରେ ମୋର ଜ୍ଞାନ ନଥାଇପାରେ, ହେଲେ ମୋ ଜାଣିବାରେ ହିନ୍ଦୀରେ ପ୍ରେମରେ ବୁଡ଼ିଥିବା ମା' ପରି କବିତା ଆଗରୁ ଲେଖାହୋଇନାହିଁ । ଆଜିକାଲି ଆମର ବରିଷ୍ଠ କବିମାନଙ୍କ ମଧ୍ୟରେ ନିବନ୍ଧ ପରି ବିଷୟବସ୍ତୁ ଖୋଜି ତା' ଉପରେ କବିତା ଲେଖିବାର ଚଳଣି ବଢ଼ିଚାଲିଛି । ଏପରି କବିତା ପ୍ରାୟ ସମ୍ବେଦନଶୀଳ ଢଙ୍ଗରେ ଲେଖାହୋଇଥିବା ଲଘୁ-ନିବନ୍ଧ ବା ରିପୋର୍ଟ ହେଇ ରହିଯାଉଛି, କବିତା ହୋଇପାରୁନାହିଁ । କିନ୍ତୁ ପବନ କରଣଙ୍କର ଅନୁଭବ ଏବଂ ସମ୍ବେଦନା ପୂରାପୂରି ସତେଜ ଅଛି ଓ ସେ ବିଷୟରେ ନବୀନତା ଦେଖାଇବାର ପ୍ରଚେଷ୍ଟା ପାଇଁ ନିବନ୍ଧ ବା ରିପୋର୍ଟ ପରି କବିତା ଲେଖିବାର ଆବଶ୍ୟକତା ନାହିଁ । ସେଇଥିପାଇଁ ଯେତେବେଳେ ମୁଁ କହୁଛି ଯେ 'ପ୍ରେମରେ ବୁଡ଼ିଥିବା ମାଆ' ପରି କବିତା ହିନ୍ଦୀରେ ପୂର୍ବରୁ କେବେ ଲେଖାହୋଇନଥିଲା ସେତେବେଳେ ପବନ କରଣଙ୍କୁ ହିନ୍ଦୀ କବିତାକୁ ଏକ ନୂଆ ବିଷୟ ଦେବାର ଶ୍ରେୟ ଦେବା ମୋର ଉଦ୍ଦେଶ୍ୟ ନୁହେଁ (କାରଣ ମୋ ଦୃଷ୍ଟିରେ ଏହା ଖୁବ୍ ବଡ଼ କଥା ନୁହେଁ ଓ କବିତା ନାମରେ ଏହା ଏକପ୍ରକାର କୁଲିଗିରି ଅଟେ) । ମୁଁ ବାସ୍ତବିକ୍ କହିବାକୁ ଚାହେଁ ଯେ ସେ ଖାସ୍ କରି ଏହି କବିତା ରୂପରେ ଆମକୁ ଏପରି ଏକ ସମ୍ବେଦନା-ଦୃଷ୍ଟି ଦେଇଛନ୍ତି, ଯାହା ଆମପାଖରେ ଆଗରୁ ନଥିଲା ।

ଯୁବାବସ୍ଥାରେ ବିଧବା ହୋଇଯାଇଥିବା ଜଣେ ନାରୀ, ଯିଏ କି ବର୍ଷ ବର୍ଷ ଧରି ସେଇ ନିରାଶା ଓ ଏକାକୀପଣକୁ ଭୋଗିଛି, ଯେଉଁଥିରେ ଦୁନିଆଁର ପ୍ରତ୍ୟେକ ଖୁସିରେ ନିଜର ବ୍ୟକ୍ତିଗତ ଦୁଃଖର ଛାୟାକୁ ହିଁ ସେ ଦେଖିଛି, ତା' ଜୀବନରେ ଅଚାନକ ଚୁପ୍‌ଚାପ୍ କେହି ପୁରୁଷଟିଏ ଆସିଛି । (ସେ ପୁରୁଷ ବିବାହିତ ବା ଅବିବାହିତ, ତା'ର କିଛି ଗୁରୁତ୍ୱ ନାହିଁ ଓ ଅତ୍ୟନ୍ତ ଉଚିତ ଢଙ୍ଗରେ ପବନ ଏ ସଂପର୍କରେ କବିତାରେ ନୀରବ ରହିଛନ୍ତି) । ଆଉ ଏ ପ୍ରକାର ଆସିବାକୁ ତା'ର ଝିଅ କେବଳ ମୌନ ସ୍ୱାଗତ କରିନାହିଁ, ଅଧିକନ୍ତୁ ସେ ନିଜକୁ ଏଥିପାଇଁ ଦୁନିଆର ସବୁଠୁଁ ସୌଭାଗ୍ୟବତୀ ଝିଅ ବୋଲି ଭାବୁଛି, ଏଥିପାଇଁ ଖୁସିରେ ପାଗଳୀ ହୋଇଯାଉଛି ଓ ତାକୁ ତା'ର ପ୍ରେମିକା ମା' ନିଜର ଚପଳ, ଦୁଷ୍ଟ ହସକୁରୀ ସ୍କୁଲ ସାଙ୍ଗ ପରି ଲାଗୁଛି– ଏପରି କଥା ଏହା ପୂର୍ବରୁ କହିବା ଓ ବୁଝିବାର ସାହସ କୌଣସି କବି କରି ନାହାଁନ୍ତି । ଏହା ସତ୍ୟ ଯେ ନାରୀବାଦ ବିଧବା ନାରୀର ଏ ପ୍ରକାର ପ୍ରେମ ସଂପର୍କ

Source: Author, Digitized by PPRACHIN, SOA

ପାଇଁ ସ୍ଥାନର ବୈଧୀକରଣ କରିଛି । ଏହାକୁ ନୈତିକତା–ଅନୈତିକତାର ପରିଧିରୁ ବାହାରେ ରଖିଛି । କିନ୍ତୁ ଏହାସତ୍ତ୍ୱେ ଏହି କଥାକୁ ସମ୍ବେଦନଶୀଳତାର ସ୍ତରରେ ଏତେ ସାହସର ସହିତ ସ୍ୱୀକାର କରିବା, ଏହାକୁ ଏକ ସୌଭାଗ୍ୟ ପରି ମାନିବା, ଏଯାବତ୍ ଆମ ପକ୍ଷେ ସମ୍ଭବ ହୋଇନାହିଁ । ଆମର କୁଣ୍ଠିତ ସାମାଜିକ ଦୃଷ୍ଟି ଆମର ସମ୍ବେଦନଶୀଳତାକୁ ଆବୋରି ରହିଛି, ଏହାକୁ ବିଦଳିତ କରୁଛି । ହିନ୍ଦୀ କବିମାନେ ସାଧାରଣତଃ ସାମାଜିକ ରୂପରେ ସବୁଠୁଁ ଅଗ୍ରଗାମୀ ଦଳର ସଦସ୍ୟ ଅଟନ୍ତି । ତଥାପି ସେମାନେ ଏହି ପ୍ରସଙ୍ଗରେ ସମ୍ବେଦନାତ୍ମକ ରୂପରେ ପଛୁଆ ହୋଇ ରହିଛନ୍ତି । ତାଙ୍କର ଏହି ପଛୁଆପଣକୁ ପବନ କରଣ ଖୁବ୍ ଜୋର୍‌ରେ ଦୋହଲେଇ ଦେଇଛନ୍ତି । ଏ କଥା ଜାଣିବା ଆହୁରି ମହତ୍ତ୍ୱପୂର୍ଣ୍ଣ ହୋଇପାରେ ଯେ ତାଙ୍କୁ ଏପରି ଅଗ୍ରଗାମୀ ସମ୍ବେଦନଶୀଳତାର ତନ୍ତୁ କେଉଁଠାରୁ ମିଳିଅଛି ।

ସାଧାରଣତଃ ଗୋଟିଏ କ୍ରାନ୍ତିକାରୀ ବିଷୟକୁ ପବନ କରଣ ନିଜ କବିତାରେ ବହୁତ ଶାନ୍ତ ଓ ସଂଯତ ଭାବରେ ଉପସ୍ଥାପନ କରନ୍ତି । ଏଥିରେ କେଉଁଠିହେଲେ କ୍ରୋଧ ନାହିଁ କିମ୍ବା ବାଜାବାଜଣା ସହିତ ବିକଳତାର ଆଡ଼ମ୍ବରପୂର୍ଣ୍ଣ ପ୍ରଦର୍ଶନ ନାହିଁ । ବାସ୍ ବ୍ୟକ୍ତିଗତ ଦୁଃଖର ହାଲୁକା ଛାଇ ଟିକିଏ ଅଛି, ଯାହା ଉପରେ ଆନନ୍ଦର ପ୍ରଭାବ ଅଧିକ, ଯାହା ଏଇ ପ୍ରେମ ପ୍ରସଙ୍ଗ ଅଙ୍କୁରିତ ହେବା ଯୋଗୁଁ ତା' ଝିଅର ମନରେ ଦେଖାଦେଇଛି, ଯିଏ ନିଜକୁ ଆଜିକାଲି ଦୁନିଆଁର ସବୁଠୁଁ ଭାଗ୍ୟବତୀ ଝିଅ ବୋଲି ଭାବୁଛି, କାରଣ ତା' ମା'ର ଦୁନିଆରେ ବର୍ଷ ବର୍ଷ ପରେ ପ୍ରେମର ଶିଖାଟିଏ ଜଳିଛି, ଯାହା ଦେଖୁ ଦେଖୁ ସେଇ କୋଠରୀରେ ସୂର୍ଯ୍ୟାଲୋକ ପରି ପ୍ରସରି ଯାଇଛି, ଯେଉଁଠି ଗୋଟିଏ ପଟର କାଛରେ ସେହି ପ୍ରେମିକା ନାରୀର ସ୍ୱାମୀଙ୍କର ଫୁଲରେ ସଜା ହୋଇଥିବା ଚିତ୍ରଟି ମଧ୍ୟ ଶୋଭାପାଉଛି । ଯେଉଁ ସମାଜରେ ମା'ଟିଏ ବି ନିଜ ଯୁବତୀ ଝିଅର ପ୍ରେମକଥା ଶୁଣିଲେ ଆଶଙ୍କିତ ହୋଇପଡ଼େ, ସେଠାରେ ପବନ କରଣଙ୍କ କବିତାରେ ଝିଅ ନିଜ ମା'ର (ଝିଅକୁ ବି) ଲୁଚେଇ ଲୁଚେଇ କରୁଥିବା ପ୍ରେମରେ ଆହ୍ଲାଦିତ ହେଉଛି । ବାୟାଣୀ ହେଉଛି ଓ ପ୍ରେମ କରୁଥିବା କାରଣରୁ ଏଇ (ପ୍ରୌଢ଼ା) ବୟସରେ ମା'ର ଭାରି ସୁନ୍ଦରୀ ଦିଶିବାର କଥା ନିଜ ମୃତ ପିତାଙ୍କୁ ସମ୍ବୋଧନ କରି କହୁଛି (ଅର୍ଥାତ୍ ସଙ୍କେତରେ କହୁଛି ଯେ ଏପରି ବିଧବା ମା'ର ପ୍ରେମ କରିବା ତାଙ୍କ ପ୍ରତି ଧୋକା ନୁହେଁ, ଯାହାଙ୍କୁ ସେ ବହୁତ ଭଲପାଉଥିଲା ଓ ଯାହାଙ୍କ ସ୍ମୃତିରେ ଏତେବର୍ଷ ଏକାକୀ ଓ ଉଦାସ ହୋଇ ବିତେଇଦେଇଛି) ଏହା ନିଜେ ନିଜେ ଏକ ମହତ୍ତ୍ୱପୂର୍ଣ୍ଣ କଥା ଅଟେ ।

ଏଇ ଝିଅଟି ଖୁସି ଅଛି; କାରଣ ତା' ମା' ତା' ବାପାଙ୍କ ମୃତ୍ୟୁପରେ କେମିତି ସବୁ ରଙ୍ଗ ଭୁଲିସାରିଥିଲା, ଉଜ୍ଜ୍ୱଳ ରଙ୍ଗକୁ ବି ଫିକା କହୁଥିଲା, ମିଠାକୁ ପିତା କହି

Source: Author, Digitized by PPRACHIN, SOA

କାଢ଼ିଦେଉଥିଲା, ଗୀତ ଶୁଣିଲେ କାନରେ ହାତ ଦେଉଥିଲା - ଏଇ ସବୁ କଥାର ସେ ଜଣେ ସମ୍ବେଦନଶୀଳ ସାକ୍ଷୀ ଥିଲା, ସାମାଜିକ ଦୃଷ୍ଟିରୁ ବର୍ଜନୀୟ ନିଜ ମା'ର ଏହି ପ୍ରେମ ପ୍ରତି ଝିଅର ଏହି ଉଦାରତା, ଏହି ଉତ୍ସାହ କେଉଁଠି କବିତାରେ ହୁଏତ ନଥିବ । କାରଣ ଆମ କବିମାନେ ଏବେ ବି ଏକ ବିଗତଯୌବନା ବିଧବାକୁ କୌଣସି ପରପୁରୁଷ ସହିତ ପ୍ରେମରେ ମାତିବା କଥା ଦେଖିପାରନ୍ତି ନାହିଁ, ଯେତେବେଳଯାଏଁ ସେମାନେ ସ୍ୱୟଂ ସେହି ପୁରୁଷ ହୋଇନଥାନ୍ତି । ଏହି କବିତାର ସବୁଠୁଁ କୌତୁହଳପ୍ରଦ ଏବଂ ପୁରୁଷଙ୍କୁ ପୀଡ଼ା ଦେଲାପରି କଥାଟି ହେଉଛି ଯେ ଝିଅ ନିଜ ମା'କୁ ଦୁନିଆଁର ସବୁଠୁଁ ସୁନ୍ଦରୀ ମା' ବୋଲି କେବଳ କହୁନାହିଁ; ନିଜ ବାପାଙ୍କୁ ମନେପକେଇ, ନିଜ ମା'ର ଦେହର ବେଗ, ତା'ର କାମୁକ ଚଞ୍ଚଳତା, ତା'ର ସଂସର୍ଗ-ସଙ୍ଗମ କଥା ବି କହୁଛି । ଏବଂ ଏଇ ଝିଅ ଏବେ ସ୍କୁଲରେ ପଢୁଛି ବୋଲି କୁହାଯାଇଛି ଯାହାକୁ ଗୋଟିଏ ଦିଗରେ ବାପା ଶିଶୁ ବୋଲି ଭାବେ ଓ ଅନ୍ୟ ଦିଗରେ ତା'ର କେଉଁ ପୁଅ ସହିତ ପ୍ରେମ ଓ ଶାରୀରିକ ସଂସର୍ଗ ଆଶଙ୍କାରେ ଭୟଭୀତ ତଥା ବିବ୍ରତ ହୋଇ ରହେ ।

ଏହି କବିତା ପଢ଼ିଲାବେଳେ କେଉଁଠି ବି ଲାଗେନାହିଁ ଯେ ପବନ କରଣ ସ୍ତ୍ରୀଲୋକ ପ୍ରତି ଏହି ଉଦାର ସମ୍ବେଦନଶୀଳତା କେଉଁ ବିଦେଶୀ କବିତାରୁ ଚୋରାଇଆଣି ଆମ ପାଖରେ ପରିବେଷଣ କରିଛନ୍ତି । ଅର୍ଥାତ୍ ଏହା କବିଙ୍କ ମାଟିର ନୁହେଁ । ଏହି କବିତାରେ ସେହି ସମସ୍ତ ସାମାଜିକ ବନ୍ଧନ ସଙ୍କେତାତ୍ମକ ଭାବରେ ବିଦ୍ୟମାନ ଅଛି ଯାହା ସମାଜରେ ଗୋଟିଏ ବିଧବା ସ୍ତ୍ରୀକୁ ଖୁସି ହେବାକୁ ବାଧା ଦିଏ, ତାକୁ ପଙ୍ଗୁ କରିଦିଏ । ଏହି କବିତାର ପ୍ରେମ କରୁଥିବା ନାରୀର ଦୀର୍ଘ ଏକାକୀପଣ ଓ ଉଦାସୀନତାରେ ନିଜର ମୃତ ସ୍ୱାମୀ ପ୍ରତି ଗଭୀର ପ୍ରେମ ଓ ସମର୍ପଣ କେବଳ ଦିଶେ ନାହିଁ, ବିଧବା ସ୍ତ୍ରୀର ଦ୍ୱିତୀୟଥର ଖୁସି ରହିବା କାର୍ଯ୍ୟଟି ସାମାଜିକ ଉତ୍ପୀଡ଼ନର ବିପଦ ଓ କୁଳଟା ବୋଲାଇବାର ଅପବାଦ ମୁଣ୍ଡେଇ ସାରିଲା ପରେ ହିଁ କରିହୁଏ - ଏ କଥାର ତୀବ୍ର ଅନୁଭବ ବି ସ୍ପଷ୍ଟ ଦିଶେ । ସେଥିପାଇଁ ତାକୁ ଏପରି ପ୍ରେମକୁ ସମସ୍ତଙ୍କଠାରୁ ଲୁଚେଇବାକୁ ପଡ଼େ । ଏପରିକି ନିଜ ଝିଅକୁ ବି, କାରଣ କିଏ ଜାଣେ ସାମାଜିକ ରୂଢ଼ି ଭିତରେ ବଡ଼ ହେଉଥିବା ନିଜ ଝିଅ ବି ତା'ର ଶତ୍ରୁ ନ ହେଇଯିବ ।

ପୂରା କବିତାରେ କବି କେଉଁଠି ହସ୍ତକ୍ଷେପ କରିନାହାଁନ୍ତି, ଅଂଧାରରେ ଦୀପଧରି ଗୁଲିବାର ଅଭିନୟ କରିନାହାଁନ୍ତି । ସେ ନିଜ କବିତାକୁ ସଂପୂର୍ଣ୍ଣ ଭାବରେ ପ୍ରେମରେ ବୁଡ଼ିଥିବା ମାଆର ଝିଅ ହାତରେ ଟେକି ଦେଇଛନ୍ତି ଓ ତାକୁ ହିଁ ସବୁକିଛି କହିବାକୁ ଦେଇଛନ୍ତି । ଏହି କବିତା ସେଇ ଝିଅର କବିତା, ଗୀତ, ଗୁଣୁଗୁଣୁପଣ କିମ୍ବା ପାଗଳପଣର

Source: Author, Digitized by PPRACHIN, SOA

ସଂଗୀତ ହୋଇପାରେ । ଏପରି କ'ଣ ସଂଭବ ହୋଇନଥାନ୍ତା ଯେ ପବନ କରଣଙ୍କ କବିତାର ବର୍ଣ୍ଣନାକାରୀ ଝିଅ ବଦଳରେ ପୁଅ ହୋଇଥାନ୍ତା ? ହୁଏତ ହୋଇପାରିନଥାନ୍ତା । ପୁଅ ନିଜ ମାଆକୁ ଅନ୍ୟ କେଉଁ ପୁରୁଷକୁ ପ୍ରେମ କରିବାର ଦେଖିପାରିନଥାନ୍ତା । ସେ ସେହି ପୀଡ଼ାକୁ ଅନୁଭବ କରିପାରିନଥାନ୍ତା ଯାହା ଏ ଭିତରେ ମାଆ ଦୀର୍ଘସମୟ ଧରି ଭୋଗିଛି । ତାକୁ ନିଜ ମାଆର ମୃତ ପିତାଙ୍କ ପ୍ରତି ବିଶ୍ୱାସଘାତକତା, ନିଜର କାମବାସନାକୁ ଦମନ କରିବାର ଅସମର୍ଥତା ଇ ଦେଖାଯାଇଥାନ୍ତା । ଏହି ପ୍ରେମ ତା' ମାଆ ପାଇଁ କେତେ ବେଶି ସୁଖସନ୍ତୋଷ ଓ ଆତ୍ମିକ ପବିତ୍ରତା ନେଇ ଆସିଛି ହୁଏତ ଏକଥା ସେ କେବେ ବି ଅନୁଭବ କରିପାରନ୍ତା ନାହିଁ ।

ବିଷ୍ଣୁ ନାଗର

Source: Author, Digitized by PPRACHIN, SOA

କାବ୍ୟକ୍ରମ

୧ ।	ଯାହାକୁ ତମେ ମୋର ବାପା ବୋଲି କୁହ	୧
୨ ।	ଜଣେ ସୁନ୍ଦରୀ ଝିଅର ବାପା	୭
୩ ।	ମାଉସୀ ଝିଅ ଭଉଣୀ	୧୩
୪ ।	ସାଂଝି	୧୬
୫ ।	ଭଉଣୀର ପ୍ରେମିକ – ପାଞ୍ଚଟି କବିତା	୧୯
୬ ।	ବୁଢ଼ୀ କୋଳିଗଛ	୨୭
୭ ।	ମୁଁ ତାକୁ ଏବେ ବି ଭଲପାଏ ନାହିଁ	୨୮
୮ ।	ପୁରୁଷ ବିନା କି ରହିପାର ତୁମେ	୩୧
୯ ।	ଏଦିନ କ'ଣ କେବେ ଭୁଲିହେବ	୩୫
୧୦ ।	ସେଇ ଅନୁଭବଟି ବିଷୟରେ	୩୮
୧୧ ।	ଆମେ ପତି, ଆକର୍ଷଣହୀନ ପତ୍ନୀମାନଙ୍କର	୪୦
୧୨ ।	ଟାଇପିଷ୍ଟ	୪୭
୧୩ ।	କେମିତି ଦେଖାହେବ ?	୫୦
୧୪ ।	ଆପତ୍ତି ଅଭିଯୋଗ ଭିତରେ ପ୍ରେମ	୫୧
୧୫ ।	ତମେ ଯେମିତି ଗୃହୁଁଛ ମୁଁ ସେମିତି ନୁହେଁ	୫୮
୧୬ ।	ଘଡ଼ି	୬୨
୧୭ ।	ତା'ର ଦିନ	୬୩
୧୮ ।	ମତେ ସତ୍ୟ ପରି ଲାଗେ ନାହିଁ – ଏଇ ସ୍ୱର	୬୪
୧୯ ।	ତା'ର ଦୁଃଖ	୬୭
୨୦ ।	ତା' କଥା ଶୁଣିବାକୁ ପଡ଼େ	୬୮
୨୧ ।	ବୁର୍ଖା	୭୩

Source: Author, Digitized by PPRACHIN, SOA

୨୨ । ଯଦି ତାକୁ କହିବାକୁ ପଡ଼େ ୭୪
୨୩ । ହେଲେ ସେ କଥା କୁହ ତ ୭୮
୨୪ । ସ୍ତନ ୮୧
୨୫ । ସଂଖ୍ୟା ୮୫
୨୬ । କଟି ୮୮
୨୭ । ଆଲ୍‌ବମ୍‌ ୯୦
୨୮ । ସ୍ୱର୍ଣ୍ଣ - ଯାହାକୁ ସେ ଆଉ କାହାକୁ ସମର୍ପିବାକୁ ଗୃହୁଁଥିଲା ୯୧
୨୯ । ବିଞ୍ଚଣା ୯୬
୩୦ । ମୋ ଭିତରେ ନାରୀଟିଏ ୯୭
୩୧ । ତା'ର ଜିଦ୍‌ - ଛ'ଟି କବିତା ୧୦୦
୩୨ । ଅସଲରେ ତାକୁ ବୁଝିବା ମାନେ ନିଜକୁ ବୁଝିବା ୧୧୩
୩୩ । ପ୍ରେମରେ ଜୁଡୁବୁଡୁ ମାଆ ୧୧୯
୩୪ । ଏଇ ଜୋର୍‌ କରି ଲେଖାହୋଇଥିବାକୁ ହିଁ ୧୨୩
୩୫ । ସ୍ତ୍ରୀ-ସୁବୋଧିନୀ ୧୨୫
୩୬ । ଆଜିକାଲି ତମେ ଯାହାକୁ ପ୍ରେମ କରୁଛ ୧୨୯
୩୭ । ପୁରୁଷ ୧୩୪

◆◆◆

Source: Author, Digitized by PPRACHIN, SOA

ଯାହାକୁ ତମେ ମୋର ବାପା ବୋଲି କୁହ

ଏଥରକ ବି
ସେ ଜଲ୍‌ଦି
ଘରକୁ ଫେରିବାକୁ ଚାହୁଁଥିଲା
ଆଉ ମା' ତ, ସବୁଦିନ ପରି
ଅଧୀର ହୋଇ
ତାକୁ ଅପେକ୍ଷା କରୁଥିଲା ।

ଏଥରକ ସେ ଘରକୁ ଫେରିଲା ତ
ବେଶ୍ ବଦଳିଗଲାପରି ଲାଗୁଥିଲା
ସବୁଥର ପରି ସେ ସିଆଡୁ
ନୂଆ ଲୁଗା, ନୂଆ ଜୋତା
କି ଟଙ୍କାପଇସା ପରି, କିଛି ଆଣିନଥିଲା
ଯାହାକୁ ଦେଖି ମାଆ ଆଶ୍ୱସ୍ତ ହୋଇଥାନ୍ତା
ନା – ଫେରିବାର ଉତ୍ସାହ ଥିଲା ତା' ପାଖରେ
ତା' ମୁହଁ ପୂରାପୂରି ଶାନ୍ତ ଦିଶୁଥିଲା ।

ମାଆ କିଛି ପଚାରିଲେ, କଥା ଏଡ଼େଇ ଯାଉଥିଲା
ହେଲେ ସେ ଅନୁଭବ କରୁଥିଲା
ଯେ ମାଆ, ତା' ଭିତରର ପରିବର୍ତ୍ତନକୁ
ବୁଝିପାରୁଛି ।
ଯଦିଓ ଗତଥର ଆସିଲାବେଳେ
ସେ ଅସହଜ ଥିଲା
କିନ୍ତୁ ଏଥରକ ପରି ନୁହେଁ ।

Source: Author, Digitized by PPRACHIN, SOA

ଏଥରକ ତା' ଭିତରେ
ଏକ ତୀବ୍ରତା ଓ ଆକ୍ରମକତା ଥିଲା
ଏଥରକ ଲାଗୁଥିଲା
ଯେ ଘର-ଅଗଣାରେ ଥିବା
ମେସିନ୍ ବି ତାକୁ ଲଗାତାର୍
ଗୁରା ପରି କାଟୁଥିଲା
ଓ ମେସିନ୍ ଚଲଉଥିବା
ହାତ ବି ତା'ର ଥିଲା
କାହିଁକି ? ହେଲେ କାହିଁକି ?
ବାପା, ମା'କୁ ଛାଡ଼ି ଗୁଲିଗଲେ...?

ସାରାଦିନ ଖଟୁଥିବା
ଅଶିକ୍ଷିତା ହେଲେ ଏତେ ଭଲ
ଏଇ ସ୍ତ୍ରୀ ଲୋକଟି ପାଖରେ
କ'ଣ ଅଭାବ ଥିଲା
ଆଉ କ'ଣ ଅଭାବ ଥିଲା ମୋଠିଁ ?
ଏବେ ଯଦି ଧରିପକେଇବିଁ ତ
ବାପା ମୋଠୁଁ ଛଡ଼େଇପାରିବେ ନାହିଁ ହାତ
ଛଟପଟ ହୋଇ ରହିଯିବେ ।

ଆଗରୁ ବି ତ ଖରାପ ଲାଗୁଥିଲା
ହେଲେ ଏଥରକ ତା' ଭିତରେ
ଖେଞ୍ଚି ହୋଇଯାଉଥିଲା
ତା'ର ଦ୍ୱିତୀୟ ମାଆର ମୁହଁ ।

ୟା ଆଗରୁ ଯେତେବେଳେ
ସେ ତା' ସହିତ କଥା କହେ
ମୁଣ୍ଡ ଆଉଁସି ଦିଏ
ଅଜବ ଲାଗୁଥିଲେ ବି
ତାକୁ ଭଲ ଲାଗୁଥିଲା

Source: Author, Digitized by PPRACHIN, SOA

ସେ ନିଜେ ଗ୍ରହୁଁଥିଲା
ଯେ ସେ ତାକୁ ପଚାରୁ, ଭଲପାଉ
ହେଲେ ଏଥରକ
ତା'ର ଭଲମନ୍ଦ ପଚ୍ରରିବାଟା
ମୋତେ ଭଲ ଲାଗିଲା ନାଇଁ
ନା ତା'ର ସେଇ ପୁଅ
ଯାହାକୁ, ସମସ୍ତେ ତା'ର
ସାନଭାଇ ବୋଲି କହନ୍ତି
ଏମିତିକି ଗାଁରେ ଏକାକୀପଣ ଭୋଗୁଥିବା
ତା' ମାଆ ବି... ।
ଏଥରକ ସେ ବି ତାକୁ
ନିଜ ଭାଇ ପରି ଲାଗିଲା ନାହିଁ ।

ପ୍ରଥମ ଥର ତାକୁ ଲାଗିଲା
ଯେ ସେ ଯେମିତି
ନିଜ ମାଆର ପୁଅପରି ଫେରିଛି
ସେ ମାଆ ବିଷୟରେ
ପୁଅଟିଏ ପରି ଭାବି ଭାବି ଫେରୁଛି ।

ପ୍ରଥମ ଥର ତାକୁ ଲାଗିଲା
ଯେ ଯେଉଁ ପୁରୁଷ
ଗାଁରେ ତା' ମାଆକୁ ଛାଡ଼ି
ଆଉ ଜଣେ ସ୍ତ୍ରୀଲୋକକୁ ବାହାହୋଇ
ସେଠାରେ ରହିଛି
ମୋ ବାପା ହେଇ ବି
ମୋ ବାପା ପରି ନୁହେଁ... ।

ହେଲେ ମାଆ ମୋତେ
କାହିଁକି ତା' ପାଖକୁ ପଠାଏ
ଫେରିଲେ କାହିଁକି

Source: Author, Digitized by PPRACHIN, SOA

ଥରକୁଥର ତା' କଥା ପଚାରେ
ଯିଏ ତା' ଅନ୍ତରକୁ
ଟିକିଏ ବି ଗୃହେଁ ନାହିଁ
ଥରେ ବି ପଗୃରେ ନାହିଁ
ଯେ ସେଇ ସ୍ତ୍ରୀ ଲୋକଟି କେମିତି ଅଛି
ଯାହାକୁ ଗାଁରେ ଏକୁଟିଆ
ଇଟା ପଥରଟିଏ ପରି
କୋଳରେ ଖେଳୁଥିବା
ମୋ ଆଶ୍ରୟରେ ଛାଡ଼ିଆସିଥିଲା

ମାଆ ଲୋ...
କେମିତି କହିବି
ତୋ ପାଇଁ ଓ ମୋ ପାଇଁ
ସେଠି ଟିକିଏ ବି ଜାଗା ନାହିଁ
ନା ହୃଦୟରେ, ନା ଘରେ
ସେଠି, କୋଉଠି ବି
ଆମର ଚିହ୍ନବର୍ଣ୍ଣ ନାହିଁ ।

ସେଇ ସ୍ତ୍ରୀ ଲୋକ
ଯାହାକୁ ତୁ ମୋର
ସାନ ମା' କହୁ
ଯଦି ଓ ମୋ ମୁଣ୍ଡରେ
ସ୍ନେହରେ ବୁଲେଇଦିଏ ହାତ
ନୂଆକଥା କହେ
ଖୁଆଏ ପିଆଏ
ହେଲେ ଆଜିଯାଏଁ
ମୋ ଆଗରେ ନିଜ ପୁଅକୁ
ତତେ ବଡ଼ ମାଆ କହିବା
ଶିଖେଇଲା ନାହିଁ ।

Source: Author, Digitized by PPRACHIN, SOA

ତୁ ଯଦିଓ
ଆଦରି ନେଇଛୁ ସବୁ
ହେଲେ ସେ କେବେ ବି
ଭାବିପାରେନା ଯେ
ତା'ର ରାଜକୀୟ ଘରର ବୈଠକଖାନାର
କୌଣସି କାନ୍ଥରେ
ତା'ର ରାଜକୁମାର ପରି ଚଳୁଥିବା ପୁଅର
ଫଟୋ ସହିତ, ତୋର ଏଇ ମୂର୍ଖ ପୁଅର
ଫଟୋ ଟଙ୍ଗାହେବ ।

ମାସକୁ ଦଶହଜାର ଟଙ୍କା
ରୋଜଗାର କରୁଥିବା ସେଇ ସ୍ତ୍ରୀଲୋକ
ଦଶ ସେକେଣ୍ଡ ପାଇଁ ବି
ତୋର ଓ ବାପାଙ୍କ ବିଷୟରେ
ଶୁଣିବାକୁ ବରଦାସ୍ତ କରେ ନାହିଁ ।
ଆଉ ବାପା ବି କ'ଣ
ସେ ମତେ ଚିହ୍ନନ୍ତି ସତ
ହେଲେ ଅନ୍ୟ ଆଗରେ ଏ କଥା
କହିବାକୁ ସଙ୍କୋଚ୍ କରନ୍ତି
ଯେ - ମୁଁ ତାଙ୍କର ଗାଁରେ ରହୁଥିବା
ସେଇ ପତ୍ନୀର ପୁଅ, ଯାହାକୁ
ସେ ଅଂଧାରରେ ଅଂତାଳି ହେବାକୁ
ଛାଡ଼ିଆସିଛନ୍ତି ।

ଏଥରକ
ଏକାକୀପଣ ଭୋଗୁଥିବା
ନିଜ ମା'କୁ, ସେ ଦୃଢ଼ତାର ସହ
ବତେଇବାକୁ ଚାହେଁ
ଯେ - ଆମ ଦୁହିଁଙ୍କର
ଏଇ ଦାରିଦ୍ର୍ୟଠାରୁ ଦୂରରେ

Source: Author, Digitized by PPRACHIN, SOA

ସେଇ ଥାଟବାଟ
ସେଇ ବୈଭବ
ଯାହାକୁ ସେ ସ୍ତ୍ରୀ-ପୁରୁଷ
ଦୁହେଁ ମିଶି ତିଆରି କରିଛନ୍ତି
ସେଠି ଆମ ପାଇଁ ଟିକିଏ ବି ଜାଗା ନାହିଁ ।

ତାଙ୍କ ପାଉଡରବୋଳା ମୁହଁ ଆଗରେ
ଆମର ଧୂଳିଧୂସର ମୁହଁ
କୋଉଠି ବି ରହିପାରେ ନାହିଁ
ଆଉ ଯେଉଁ ପୁରୁଷକୁ
ତୋର ଖୁବ୍ ପାରିବାର ସ୍ୱାମୀ
ଓ ମୋ ବାପା ବୋଲି ତୁ କହୁ
ସେ ଏମିତି ଗୋଟେ କାପୁରୁଷ
ଯେ ଏକୁଟିଆ ବି
ତତେ ମନେ ପକେଇବାକୁ
ଓ ମତେ ସମସ୍ତଙ୍କ ଆଗରେ
ନିଜ ପୁଅ କହିବାକୁ, କୁଣ୍ଠିତ ହୁଏ
ଏଡ଼େଇ ଯାଏ... ।

***

Source: Author, Digitized by PPRACHIN, SOA

ଜଣେ ସୁନ୍ଦରୀ ଝିଅର ବାପା

ମୁଁ ଜଣେ ସୁନ୍ଦରୀ ଝିଅର ବାପା... ।
ଯଦିଓ, ଇଏ କିଛି ନୂଆକଥା ନୁହେଁ
ଏ ସଂସାରରେ
ଅନେକ ବାପା ଅଛନ୍ତି
ଯାହାଙ୍କ ଝିଅମାନେ ଖୁବ୍ ସୁନ୍ଦରୀ
ପୁଅଝିଅ ଯେମିତି ବି ହେଉ
ନିଜ ବାପାକୁ ତ
ସୁନ୍ଦର ଦିଶିବ ଇ ।

ଅସଲକଥା ହେଲା
ଯେ ସେଇ ବାପାମାନଙ୍କ ପରି
ମୋର ବି ଭୟ ଯେ
ମୁଁ ଗୋଟିଏ ସୁନ୍ଦରୀ ଝିଅର ବାପା
ଓ ମୋ ଝିଅର ସୁନ୍ଦର ରୂପ
ଆଖିରେ ପଡ଼େ ।

ଯେଣୁ ମୁଁ ତା'ର ବାପା
ସେଥିପାଇଁ ଏମିତି କିଛି କଥା ଅଛି
ଯାହା ମୁଁ ତା' ସହିତ
କରିପାରେ ନାହିଁ
ହେଲେ ସେ କଥା ସବୁ
କେଉଁ ଝିଅକୁ ପାଲରେ ପକାଇବାକୁ
ତା' ଘର ଗୁରିପଟେ ଚକ୍କର କାଟୁଥିବା
ପୁଅଟେ ପରି, ମୋ ଚିନ୍ତାରେ
ନିରନ୍ତର ଘୁଷୁରୁଥାଏ ।

Source: Author, Digitized by PPRACHIN, SOA

ଜୀବନର ସବୁଠୁଁ ବିସ୍ଫୋଟକ
ପନ୍ଦରବର୍ଷରେ ଗୁଲୁଥିବା
ମୋ ଝିଅକୁ ମୁଁ ବୁଝେଇବାକୁ ଚାହେଁ
ଯେ ସେ ନିଜକୁ
ଅସୁବିଧାରେ ପକାଇଲାପରି
ସୁନ୍ଦର ରୂପ ପାଇଛି ।

ଏହାର ମାନେ ନୁହେଁ
ଯେ ଯେଉଁ ଝିଅମାନେ କମ୍ ସୁନ୍ଦର
ସେମାନଙ୍କୁ ବୁଝେଇବା ଦରକାର ନାହିଁ ।

କଥା ହେଲା ଯେ
ସେ ସବୁ ଝିଅଙ୍କ ଉପରେ
ସେତିକି ଚାପ ନାହିଁ
ଯେତିକି ମୋ ଝିଅ ପରି
ସୁନ୍ଦରୀ ଝିଅମାନଙ୍କ ଉପରେ ଅଛି ।

ସେଥିପାଇଁ ଯେତିକି ପାରୁଛି
ସେ ନିଜକୁ ସଂଭାଳି ରଖୁ
ଏଇ କଅଁଳ ବୟସ
ଯେତେବେଳେ ଗଛରେ
ଝୁଲୁଥିବା ଆମ୍ବକଷିର
ଗାଢ଼ ସବୁଜପଣ ପରି
ଦେହର ସବୁଜିମା ଝଲସି ଉଠିଥାଏ ।

ଯଦିଓ ଏହା ଖୁବ୍ କଠିନ
ତଥାପି ଏମିତି ନୁହେଁ ଯେ
ତାଠୁଁ ରକ୍ଷା ପାଇହେବନି
ମୁଁ ତାକୁ କହିବାକୁ ଚାହେଁ
ଯେ ଯେତେ ସମ୍ଭବ

Source: Author, Digitized by PPRACHIN, SOA

ସେ ସବୁ ଦୃଷ୍ଟିରୁ
ସେ ନିଜକୁ ବଂଚାଇବାର ଚେଷ୍ଟା କରୁ
ଯେଉଁ ଦୃଷ୍ଟି, ନିଜର ତୀକ୍ଷ୍ଣତାରେ
ଏଇ ବୟସକୁ ବିଦ୍ଧ କରେ
ଓ ପିଛା ଛାଡ଼େ ନାଇଁ ।

ଆଉ ଗୋଟିଏ କଥା ହେଲା ଯେ
ସାରା ଦୁନିଆଁର ସୁନ୍ଦରୀ ଝିଅଙ୍କର
ବାପାମାନଙ୍କଠାରୁ ମୁଁ ନିଜକୁ
ଟିକେ ଭିନ୍ନ ମନେକରେ,
ମୁଁ ଜାଣେ ଯେ ମୋ ଝିଅ
କାହାକୁ ପ୍ରେମ କରିବ
ଭଲପାଇବ,
କେହି ତା'ର ପସନ୍ଦ ବି ହେବ,
ମୁଁ ବି ଚାହେଁନା ଯେ
ମୋ ଝିଅ କାହାକୁ ପ୍ରେମ ନ କରୁ
ପୁଣି ଦୁନିଆଁର କୌଣସି ବାପା
ତା' ଝିଅକୁ ପ୍ରେମ କରିବାରୁ
ଅଟକାଇ ପାରିବ ନାହିଁ,
ତା' ଭିତରେ ବଢ଼ିଉଠୁଥିବା ସେଇ ଅନୁଭବକୁ
କୌଣସିପ୍ରକାରେ ତଡ଼ି ଦେଇପାରିବ ନାହିଁ
ଏବଂ ନିଜର ତମାମ ପ୍ରୟାସ ସତ୍ତ୍ୱେ
ତା' ଭିତରର ଗୋଲାପୀ କାଛରେ
ଲାଗିରହିଥିବା କୌଣସି ଚିତ୍ରକୁ
ଚିରି ଫିଙ୍ଗିଦେଇପାରିବ ନାହିଁ
ଓ ଯେ କୌଣସି ବୟସରେ
ତାକୁ ପ୍ରେମ କରିବାକୁ
ରୋକିପାରିବ ନାହିଁ
ପ୍ରେମ ପାଇଁ, ପନ୍ଦର କ'ଣ ?
ପଚିଶ କ'ଣ ?

Source: Author, Digitized by PPRACHIN, SOA

ହେଲେ ମୁଁ ମୋ ଝିଅକୁ
କହିବାକୁ ଚାହେଁ ଯେ
ପ୍ରେମ କରିବ ତ, ଟିକେ ରହିଯାଉ
ଇଏ ପ୍ରେମ କରିବାର ଉଚିତ୍ ବୟସ ନୁହେଁ
ଯଦିଓ ଏହା ସତ୍ୟ ଯେ
ଏଇ ବୟସରେ ଇ
ପ୍ରେମର ଗତି
ସବୁଠୁଁ ଦୂରନ୍ତ...
ଏଇ ବୟସରେ ପାଣି
କୂଅରୁ ବାହାରି
ବନ୍ଧବାଡ଼ ଉଛୁଳାଏ
ଓ ମନର କୋମଳ ପକ୍ଷୀ
ନିଜ ଚଞ୍ଚୁରେ
ଆକାଶର ସବୁଠୁଁ ବଡ଼ ତାରାଟିକୁ
ତୋଳିଆଣେ ।

ଅସଲ କଥା ହେଲା
ମୁଁ ଚାହେଁ ଯେ ମୋ ଝିଅ
ତରିମରି ନୁହେଁ, ଏ ରାସ୍ତାରେ
ଦେଖିଚାହିଁ, ସଂଭାଳିହେଇ ପ୍ରେମ କରୁ
ନିଜ ଭିତରର ଅଦ୍‌ଭୁତ ସ୍ୱାଦରେ ଭରା
ପ୍ରେମର ଏଇ ଫଳକୁ
ତରବରରେ ନୁହେଁ
ବରଂ ଧୈର୍ଯ୍ୟର ଲୁଣ ସହିତ ଚାଖୁ ।
ନିଜ ଭିତରେ ୟା'ର ସୁବାସକୁ
ଏମିତି ରୋପଣ କରୁ ଯେ
ଜୀବନସାରା ତା' ଭିତରେ
ସେ ମହକୁଥାଉ ।

Source: Author, Digitized by PPRACHIN, SOA

ଯଦିଓ ପ୍ରେମ ବିଷୟରେ
ଏତେ ଭାବିବା, ଏତେ ଅଙ୍କ କଷିବା
ପ୍ରେମ ନ କରିବା ସହିତ ସମାନ
ଆଉ ସମସ୍ତେ ଜାଣନ୍ତି
ପ୍ରେମର ସବୁଜିମା
ଆଖିରେ ନେସି ହେଇଗଲେ
ମନ ବାଉଳା ହେଇଯାଏ
ତା' ଉପରେ ସବାର ହେଇଯାଏ ପାଗଳପଣ ।
ଓ ମୁଁ ଗୃହେଁ ଯେ
ମୋ ଝିଅ ଏଇ ପାଗଳପଣକୁ
ନିଜ ଉପରେ ପୂରାପୂରି
ସବାର ହେବାକୁ ନ ଦେଉ
ଅଥଚ ପ୍ରେମ ପାଇଁ ଜରୁରୀ
ଏଇ ପାଗଳପଣକୁ
ପୂରାପୂରି ବାରଣ ବି ନ କରୁ ।

ପ୍ରେମର ତୀବ୍ରତା, ଏକାନ୍ତ ଗୃହେଁ
ଓ ସେଇ ପ୍ରେମାଭିବ୍ୟକ୍ତି
ଦେହାଭିବ୍ୟକ୍ତି ଆଡ଼କୁ ବଢ଼େ ।
ପ୍ରେମ ଏମିତି ବଢ଼ିବା ସ୍ୱାଭାବିକ କଥା
ମୁଁ କହୁନି ଯେ ଏହା ଅପବିତ୍ର
କିନ୍ତୁ ଏହା ଏତେ ବି
ପବିତ୍ର ନୁହେଁ ଯେ
ସବୁବେଳେ ସେଇ ଚିନ୍ତାରେ
କ୍ଷୟ ହେବାକୁ ହେବ ।

ମୁଁ କହେ ଯେ ପ୍ରେମ ଅମୂଲ୍ୟ
ତା'ର ଅନୁଭବ ଅବର୍ଣ୍ଣନୀୟ
ପ୍ରେମ ଓ ଦେହ ଭିତରେ
ସମ୍ବନ୍ଧ ଖୁବ୍ ଗଭୀର

Source: Author, Digitized by PPRACHIN, SOA

ଅସଲରେ ପ୍ରେମର ବଞ୍ଚିରହିବା ଇ
ଦେହର ବଞ୍ଚି ରହିବା
ପ୍ରେମ ବଞ୍ଚି ରହିଲେ
ଦେହ ବି ନିଜ ବିଶ୍ୱାସ ସହ ବଞ୍ଚିରହେ ।

ଗୋଟିଏ ସୁନ୍ଦରୀ ଝିଅର ବାପା ହେବାର
ଭୟ କେବଳ ନୁହେଁ
ଯେଉଁ ଉଲ୍ଲାସ ରହିବା କଥା
ତାହା ମୋ ଭିତରେ ଦୁଇଗୁଣ ଅଛି ।

ତଥାପି ମୋ ଝିଅର ରୂପ
ମୋ ଚିନ୍ତାରେ ସାମିଲ୍ ଅଛି
ଓ ସେଇ ଦୃଢ଼ତା ବି ସାମିଲ୍ ଅଛି,
ଯଦି ଏସବୁ ସତ୍ତ୍ୱେ
ସେ କିଛି ଭୁଲ୍ କରିଦିଏ
ତା'ହେଲେ ସେଥିରୁ ତାକୁ
ଉଦ୍ଧାର ଓ ମୁକ୍ତ କରିବା ପାଇଁ
ମୁଁ ତା' ପଛରେ ତତ୍ପର ହୋଇ
ଠିଆ ହେଇଯିବି ।

***

Source: Author, Digitized by PPRACHIN, SOA

ମାଉସୀ ଝିଅ ଭଉଣୀ

ସେମାନେ ଦୁହେଁ
ଏକା ମା' ପେଟର ଭଉଣୀ
ହେଲେ ଦୁହିଁଙ୍କ ଭିତରେ
କିଛି ନା କିଛି ଲୁଚାଛପା ଦେଖି
ମୁଁ ତାଙ୍କୁ, ମାଉସୀ ଝିଅ ଭଉଣୀ ଇ କହୁଥିଲି ।

କେତେ ଦୂର ସଂପର୍କୀୟା...
ସେ ଅନୁମାନ ଏଇଥିରୁ ଲଗାଯାଇପାରେ ଯେ
ସେମାନେ ନିଜ ନିଜ ମର୍ଜିରେ
ନ ଚଳି ରହିପାରନ୍ତି ନାହିଁ
ସେମାନେ ଜାଣନ୍ତି ଯେ
ମନଇଚ୍ଛା ଚଳିବା ଏତେ ଭଲ ନୁହେଁ
ତା'ପରେ ବି ଦୁହେଁ ଦୁହିଁଙ୍କୁ
ମନକଥା ନ କହି ରହିପାରନ୍ତି ନାହିଁ ।

ଯେମିତି, ଜଣେ ଯଦି
କଲେଜରୁ ଫେରିବାକୁ ଡେରି କରେ
ତା'ହେଲେ ଆରଜଣକ ବୁଝିଯାଏ
ସେ ଏବେ କୋଉଠି ଥିବ... !
ଅଫିସରୁ ଫେରେଇ ଆଣିଥିବା
ଭରାଟିଫିନ୍ ଦେଖି ଅନ୍ୟଟି
ଅନୁମାନ କରିନିଏ
ମେମ୍‌ସାହେବ ଆଜି କୋଉଠି ଖାଇଥିବେ ।

Source: Author, Digitized by PPRACHIN, SOA

ଅସଲରେ ଦୁହେଁ ଦୁହିଁଙ୍କ ବିଷୟରେ
ସେତିକି ଜାଣନ୍ତି
ଯେତିକି ପବନ ପବନ
କି ପାଣି ପାଣି ବିଷୟରେ ଜାଣେ ।

ଠିକ୍ କଥା ନୁହେଁ
ଜଣେ ଆରଜଣକୁ ବୁଝାଏ
ହେଲେ ଆରକ ବି ଜାଣେ
ଯେ ସିଏ ବି କିଛି ଅଲଗା ନୁହେଁ
ଏକପ୍ରକାର ଭୁଲ୍ କରୁଥିବା
ଦୁହେଁ ଚାହାଁନ୍ତି ନାହିଁ
ଯେ କାହାର କିଛି ବଡ଼ ଭୁଲ୍ ହୋଇଯାଉ ।

ଜଣେ ଆଉ ଜଣକୁ ସଜାଗ କରୁ କରୁ
ଜଣେ ଜଣକର ଚିନ୍ତା କରୁ କରୁ
ନିଜ ନିଜ ଦୋଷତ୍ରୁଟିର ବିବରରେ
ମାଇ କଇଁଚ ପରି ପଶିଯାନ୍ତି ।

ସେ ଦୁହେଁ
ଜଣେ ଜଣକଠାରୁ
ଜାଣିପାରିଛନ୍ତି
କୋଉଠି କୋଉଠି
ଖାଲଖମା ଅଛି ବାଟରେ
ସେମାନଙ୍କୁ କୋଉଠି କୋଉଠି
ଦେଖିଗୁହିଁ ଗ୍ଭଲିବାକୁ ହେବ
କାହାକୁ ଆଙ୍ଗୁଠି ଦେଖେଇ
କାହାପାଇଁ ସାଇତି ରଖିବାକୁ ହେବ
ନିଜର ଚୁମ୍ବନ ।

Source: Author, Digitized by PPRACHIN, SOA

ଅସଲରେ ଉପେକ୍ଷା ହିଁ
ସେମାନଙ୍କୁ କରିଛି ଦୂରସଂପର୍କୀୟା
ନିରାଶା, ସେମାନଙ୍କୁ
ପରସ୍ପର ପ୍ରତି କରିଛି ବିଶ୍ୱସନୀୟ
ପରସ୍ପରର ପାଚେରୀ ପରି
ଦୃଢ଼ହୋଇ ଠିଆ ହୋଇଯିବାକୁ
ସେମାନଙ୍କୁ ଚାଟିବାକୁ
ଲହ ଲହ ହେଉଥିବା ଜିଭମାନେ
ଶିଖେଇଛନ୍ତି ।

ସେମାନେ ଯେଉଁସବୁ ଭୁଲ୍ କରନ୍ତି
ଓ ପରସ୍ପରକୁ କହି କହି ହସନ୍ତି
ସେ ସବୁ ଭୁଲ୍ ନୁହେଁ
ସେମାନଙ୍କର ସ୍ୱାଧୀନତା
ଏଇ ଛୋଟ ଛୋଟ ସ୍ୱାଧୀନତାକୁ
ସ୍ୟାଣ୍ଡାଲ୍ ପରି ପାଦରେ ପିନ୍ଧି
ପରସ୍ପରର ହାତଧରି
ସେମାନେ ଆଗକୁ ଚାଲନ୍ତି ।

***

Source: Author, Digitized by PPRACHIN, SOA

ସାଂଢ଼ି

ସଂଜ ଗଡ଼ିଯାଉଛି
ଝିଅମାନେ ସାଂଢ଼ି ଖେଳୁଛନ୍ତି
ତାକୁ କାଛରେ ଗଢ଼ୁଛନ୍ତି ।

ଏଇ ସଙ୍ଗେ ସଙ୍ଗେ
ଜଣେ ତା'ର ଆଖି ଗଢ଼ିସାରିଛି
ଆଉ ଜଣେ ତିଆରି କରିଛି ଓଠ ।

ତୃତୀୟ ତା' କପାଳରେ
ବିନ୍ଦି ଲଗାଉଛି
ଚତୁର୍ଥ, ତା' ଗଳାରେ
ମାଳି ପିନ୍ଧେଇବାକୁ ତିଆର ।

ଏବେ ସେଇମାନଙ୍କ ଭିତରୁ
କେହିଜଣେ ତା' ଭିତରେ
ସୂର୍ଯ୍ୟ ଗଢ଼ିବ
କେହି ଚନ୍ଦ
କେହି ଗଛ ତିଆରି କରିବ
କେହି ଚଢ଼େଇ
ସେଥିରେ ଜଣ ଜଣକର
ନାଁ ଲେଖାହେବ
ତା'ପରେ ସେଥିରେ
ଗୁପି ଦିଆଯିବ
ମାଟିର ମିଠେଇ

Source: Author, Digitized by PPRACHIN, SOA

ମୋ ଭିତରର ସ୍ତ୍ରୀଲୋକ

ସାଂଝି ଖେଳୁଥିବା ଝିଅମାନଙ୍କୁ
ଏତେବେଳେ ସତରେ
ଦେଖିବାର କଥା ।

ଏତେବେଳେ
ସେମାନଙ୍କ ଘରୁ ଆସୁଥିବା
ଲଗାତାର ସେମାନଙ୍କୁ ଡାକୁଥିବା
ଡାକମାନଙ୍କୁ କେହି ବୁଝେଇଦିଅ
ସାଂଝି କେବଳ ଗୋଟିଏ ଖେଳ ନୁହେଁ ।

କେହି ତାଙ୍କୁ କୁହ
ଯେ ସେମାନେ ଆସନ୍ତୁ
ଏବଂ ପୂଜାପରେ
ନାଚୁଥିବା, ଗୀତ ଗାଉଥିବା
ଚଣା-ଖଇ ବାଣ୍ଟୁଥିବା
ଝିଅମାନଙ୍କ ଖୁସିକୁ ଦେଖନ୍ତୁ ।

ଦେଖନ୍ତୁ ଯେ
ସେମାନେ ଗୋବରରେ
ସାଂଝିରେ ଯେଉଁ ଆଖି ବନେଇଛନ୍ତି
ସେ ଆଖିରେ କେତେ ସ୍ୱପନ
ଭରି ରହିଛି
କେତେ ଗୋଲାପୀ ଦିଶୁଛି
ଗୋବରରେ ତିଆରି
ସାଂଝିର ଓଠ ।

ଗୋବରରେ ତିଆରି ବିନ୍ଦିଆ
କେମିତି ଚକ ଚକ କରୁଛି
କେତେ ସୁବାସିତ
ଗୋବରରେ ଗଢ଼ା ଫୁଲହାର

Source: Author, Digitized by PPRACHIN, SOA

କେତେ ହଲିଦୋହଲି ଯାଏ
ଗୋବରର ଗଛ
ଗୋବରର ପକ୍ଷୀର ଉଡ଼ାଣ
କେତେ ଉଚ୍ଚକୁ... !

ଓ କେତେ ମିଠା
ସାଂଝିର ଦେହରେ ଲଗାହୋଇଥିବା
ମାଟିର ମିଠେଇ ।

(‘ସାଂଝି’ ଝିଅମାନଙ୍କର ଏକ ଖେଳ ଯେଉଁଥିରେ ସେମାନେ କାଂଥରେ ମିଳିମିଶି ମାଟି ଗୋବରରେ ବିଭିନ୍ନ ଆକୃତି କରି ପୂଜା କରନ୍ତି)

Source: Author, Digitized by PPRACHIN, SOA

ଭଉଣୀର ପ୍ରେମିକ - ପାଞ୍ଚୋଟି କବିତା

(୧)

ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ
ମୁଁ ତାକୁ ପ୍ରାୟ ଠିଆ ହେବାର ଦେଖେ ।

ଘରର ବାଲ୍‌କୋନିରୁ ମୋ ଆଖି
ଯେତେବେଳେ ତା' ଆଖିରେ ମିଶିଯାଏ
ସେ ଅନ୍ୟଆଡ଼େ ଆଖି ଫେରେଇ ନିଏ ।

ମତେ ଦେଖି,
ସିଏ ସେ ଜାଗାରୁ ଗୁଲିଯାଉ
ଏଇଆ ଭାବି ତ, ମୁଁ ଡେରିଯାଏଁ
ଲଗାତାର ତାକୁ ଗୃହିଁରହେ ।

ହେଲେ ମୋର ଏ ଜିଦ୍
ତା' ଉପରେ କିଛି ବି ପ୍ରଭାବ ପକାଏନି
ତା' ଦୃଷ୍ଟି ବାରମ୍ବାର
ମୋ ଘର ଉପରେ ଇ ଅଟକିଯାଏ ।

ମୋ ତୂଣୀରର ବାଣକୁ
ଚତୁରତାର ସହ ସାମ୍ନା କରୁ କରୁ
ଆଗକୁ ବଢ଼ିଗୁଲିବା
ତା'ର ପ୍ରତିଦିନର ଅଭ୍ୟାସ ।

ମୁଁ ଲୁଚି ଲୁଚି କେତେଥର
ସେଇଠୁ ହିଁ, ନିଜ ଭଉଣୀ ଆଡ଼କୁ

Source: Author, Digitized by PPRACHIN, SOA

ଆଙ୍ଗୁଳିର ଇସାରାରେ ତାକୁ
ଶବ୍ଦ ଫିଙ୍ଗିବାର ଦେଖେ
ସେ ସେଠି ଜୋରେ ଠିଆହୋଇ
ମୋ ଭଉଣୀର ଘରୁ ବାହାରି ଗୁହିଁବାର
ଓ ତା' ସହ ଆଖି ମିଶିବାର
ପ୍ରତୀକ୍ଷା କରୁଥାଏ ।

ସେତେବେଳେ ମଜା ଲାଗେ
ଯେତେବେଳେ ମୋ ଭଉଣୀ
ତା' ଉପରେ ରାଗିଯାଏ
ଆଉ ସିଏ, ଦିନ ଦିନ ଧରି
ତାକୁ ଟିକିଏ ଦେଖିବା ଲୋଭରେ
ସେଠି ଠିଆହୋଇ
ସାରାଦିନ ବିତାଇଦିଏ
ସେତେବେଳେ ଦିନ ଦିନ ଧରି
ମୋ ଘର, ରାତିର ଆକାଶ ପରି
ତା' ଆଖିରେ ଅଟକି ରହେ ।

(୨)

ସେ ଜଲ୍‌ଦି ଜଲ୍‌ଦି
ଏକ ଅଣଓସାରିଆ ଗଳିରେ ପଶେ
ଯେଉଁ ଗଳିର ରାସ୍ତା
ମୋ ଭଉଣୀର କଲେଜ ପାଖରେ ପହଞ୍ଚେ ।

ଗଳି ମୁହଁରେ
ତାକୁ ଠିଆହେବାର ଦେଖି
ଘରୁ କଲେଜକୁ ବାହାରୁଥିବା ଭଉଣୀ ବି
ନିଜ ବାଟ ଛାଡ଼ି, ସେ ଗଳିରେ ପଶିଯାଏ ।

Source: Author, Digitized by PPRACHIN, SOA

ତା'ପରେ ପୂରା ଗଳିଟା
ମଜା ନିଏ, ଦେଖେ
ମୋ ଭଉଣୀ ଆଉ ତା' ପ୍ରେମିକର
ରାଗରୁଷା, ମାନ ଅଭିମାନ
ଚିଠି ଦେବାନେବା ଖେଳ
ଗଳିର ସବୁ ଘର
ତାଙ୍କୁ ଜାଣେ, ଚିହ୍ନେ
ଲୈଲା-ମଜନୁ ଭାବରେ ।

ଖାଲି ଗଳି ନୁହେଁ
ଘରଠାରୁ କଲେଜଯାଏଁ ବାହାରିଥିବା
ସଡ଼କ ବି, ମୋ ଭଉଣୀକୁ
ଆସିବାର ଦେଖି ଚୁପ୍‌ଚାପ୍ ହୁଏ ।

ଦେଖ, ସେ ଆସି
ଗଳି ମୁହଁରେ ଠିଆହେଲାଣି
ଏବେ ଦେଖିବ
ସେ ଆସିବ ଓ ୟା'କୁ
ଗଳି ମୁହଁରେ ଠିଆ ହେବାର ଦେଖି
ସିଧା ସେ ଗଳିରେ ପଶିଯିବ
କେତେଥର ତ ସେମାନେ
ଆମେ ବି କିଛି
ଏମିତି ଖରାପ ନୁହେଁ ମ...
କହି ମୋ ଭଉଣୀକୁ
ଚିଡ଼େଇ ବି ଦିଅନ୍ତି
ହେଲେ, ଜଣେ ପକ୍କା ପ୍ରେମିକା ପରି
ମୋ ଭଉଣୀ ଉପରେ
ଏ ସବୁ କଥା
କିଛି ଖାସ୍ ପ୍ରଭାବ ପକାଏନି ।

Source: Author, Digitized by PPRACHIN, SOA

(୩)

ମୋ ଭଉଣୀର ଫଟୋ
କଲେଜର ପରିଚୟପତ୍ରରୁ
ଚିରି ବାହାର କରିଥିବା
ନୀରିହ ଚେହେରାର
ଗୋଟିଏ କଳାଧଳା ଫଟୋ ।

ଯାହାକୁ ସେ
ପକେଟ୍‌ରୁ ବାହାର କରି
ଖେଳରେ ଜିତିଥିବା ଟ୍ରଫି ପରି
ନିଜ ସାଙ୍ଗମାନଙ୍କୁ ଦେଖାଏ
ଖେଳାଳୀ ପରି ଯେତେବେଳେ ସେ
ସମସ୍ତଙ୍କ ସାମ୍ନାରେ
ଫଟୋକୁ ଚୁମାଦିଏ
ସେତେବେଳେ, ତା' ଚେହେରାର ଦର୍ପ
ଦେଖିବାର କଥା ।

ଓ ନିଜ ସାଙ୍ଗଙ୍କ ମେଳରେ
ସେ ହିଁ ଏମିତି ଜଣେ
ଯା ପାଖରେ
ନିଜ ପ୍ରେମିକାର ଫଟୋ ଅଛି ।

ତା' ସାଙ୍ଗମାନେ ବି କେତେଥର
ତାକୁ ଟିକେ ଚିଡ଼େଇବା ପାଇଁ
ତା'ଠାରୁ ଫଟୋଟିକୁ
ଛଡ଼ାଇବାର ଚେଷ୍ଟା କରନ୍ତି
ହେଲେ ସବୁଥର
ସେ ବଡ଼ କୌଶଳରେ
ସାଙ୍ଗମାନଙ୍କ ହାତରୁ
ଫଟୋଟିକୁ ବଞ୍ଚାଇ ପାରିଛି

Source: Author, Digitized by PPRACHIN, SOA

ତା' ବଦଳରେ
ସାଙ୍ଗମାନଙ୍କୁ ଖୋଇବାକୁ, ପିଏଇବାକୁ ପଡ଼ିଛି ।

ମୋ ଭଉଣୀ
ତା' ସହିତ ଫସିଥିବାର
ଯାଠୁଁ ଆଉ ବଡ଼ ପ୍ରମାଣ କ'ଣ
ଯେ ମୋ ଭଉଣୀର ଖଣ୍ଡେ ଫଟୋ
ତା' ପକେଟ୍‌ରେ
ସବୁବେଳେ ସାଇତା ହୋଇଛି ।

(୪)

ନିଜର ସବୁ ଚିଠିରେ
ମୋ ଭଉଣୀ ତାକୁ ଅନୁରୋଧ କରେ
ପଢ଼ିବା ପରେ, ମୋ ଚିଠି ଚିରି ଫିଙ୍ଗିବ ।

ସେ ବି ସବୁ ଚିଠିରେ
ତାକୁ ଭରସା ଦିଏ
ପଢ଼ିସାରି ତମର ସବୁ ଚିଠିକୁ
ମୁଁ ଚିରି ଫିଙ୍ଗିଦେଇଛି ।

ହେଲେ ନା ମୋ ଭଉଣୀ
ତା'ର ଏଇ କଥାରେ
କେବେ ଭରସା କରେ
ନା କେବେ ସେ
ମୋ ଭଉଣୀର ଚିଠିକୁ
ଚିରି ଫିଙ୍ଗିଦିଏ ।

କେବଳ ତା'ରି ପାଇଁ
ଏ ପୃଥିବୀରେ ଜନ୍ମ ନେଇଛି ବୋଲି
ମୋ ଭଉଣୀ ତାକୁ ଭରସା ଦିଏ

Source: Author, Digitized by PPRACHIN, SOA

ଓ କେବଳ ତା'ରି ପାଇଁ
ବଞ୍ଚିଛି ବୋଲି ଶପଥ କରୁଥିବା
ପ୍ରେମିକର ବି ଚିଠିପତ୍ର ମାମଲାରେ
ପରସ୍ପରକୁ ଟିକେ ବି ବିଶ୍ୱାସ ନାଇଁ ।

ମୋ ଭଉଣୀ ମନରେ
ସବୁବେଳେ ଆଶଙ୍କା ଥାଏ
ପ୍ରେମିକ ତା'ର
ତା' ହାତଲେଖା ଚିଠି ସବୁକୁ
ଖୋଲି ବିଛାଇଦେବନି ତ
ଦୁନିଆଁ ଆଗରେ
ଦୈନିକ ଖବର କାଗଜ ପରି ।

ଆଉ ଭଉଣୀର ପ୍ରେମିକକୁ
ଭୟଟିଏ ଦଂଶୁଥିଲା ଅହୋରାତ୍ର
ଯଦି କେବେ, କେଉଁଦିନ
ଘର ଲୋକଙ୍କ ଗୁପରେ
ପ୍ରେମ ଫ୍ରେମ ଭୁଲି
ତାକୁ ଦୋଷୀ କରିଦିଏ ତ ।

ସେତେବେଳେ ଏଇ ଚିଠି ଇ
ତାକୁ ବଞ୍ଚାଇବ
ଢାଲ ହୋଇ କାମରେ ଆସିବ ।

(୫)

ଭଉଣୀର ବହିଖାତାରୁ
କେତେଥର...
କେତେଥର ଧରାପଡ଼ିଥିଲା
ତା' ପ୍ରେମିକର ନାମ ।

Source: Author, Digitized by PPRACHIN, SOA

ପ୍ରେମିକ ଓ ତା'ର
ଭେଟାଭେଟିର କାହାଣୀ
ଅଭିଯୋଗ ରୂପରେ
ଘରଲୋକଙ୍କ କାନରେ ପଡ଼ିଲା
ଘରେ ମୋ ଭଉଣୀ
ବାପାଙ୍କଠାରୁ
ପ୍ରବଳ ମାଡ଼ ଖାଇଲା
ଆଉ ପ୍ରେମିକଟି
ଖୋଲାଖୋଲି ସଡ଼କ ଉପରେ
ମୋ ମାଡ଼ର ଶିକାର ହେଲା ।

ଦଶ ଦଶ ଦିନ ଧରି ଘରଲୋକେ
ଭଉଣୀକୁ ଘରୁ
ପାଦ କାଢ଼ିବାକୁ ଦେଲେ ନାହିଁ
ଦୁଇ ତିନି ଦିନ ଯାଏଁ
ଖାଇବା ଥାଳିକୁ ଛୁଇଁ ବି
ପାରିଲା ନାହିଁ,
କେତେଥର ତ
ଭଉଣୀର ପଢ଼ାପଢ଼ି
ବନ୍ଦ ହେବାଯାଏଁ
କଥା ପହଞ୍ଚିଲା,
ଆମେ ରହୁଥିବା ପଡ଼ା ଛାଡ଼ି
ଗୁଲିଯିବା ବିଷୟରେ
କେତେଥର ବିଗୁର ବିମର୍ଶ ବି ହେଲା
ଭଉଣୀ ଓ ତା' ପ୍ରେମିକର
ନୀରବତା ଦେଖି
କେତେଥର ତ ମନେହେଲା
ତାଙ୍କ ଭିତରେ ଏବେ
ଆଉ କିଛି ସଂପର୍କ ହିଁ ନାହିଁ ।

Source: Author, Digitized by PPRACHIN, SOA

କିନ୍ତୁ ସେ ଲଗାତାର
ତା' ପ୍ରେମିକ କଥା ଭାବି ଭାବି
ଭିତରେ ଭିତରେ
ଘଡ଼ିବାଣ ପରି ଫୁଟୁଥିଲା
ଆଉ ପ୍ରେମିକ ବି
ନିଜ ଭିତରେ
ଜଳି ଜଳି ଯାଉଥିଲା ।

ଧୀରେ ଧୀରେ
ପ୍ରେମ କରୁଥିବା ଭଉଣୀ
ଓ ତା' ପ୍ରେମିକ
ଘର ଆଉ ମୋର
ନିତିଦିନିଆଁ କାମରେ
ସାମିଲ୍ ହେଇଗଲେ ।

ମୋ ଭିତରର ଭାଇପଣିଆଟି
ତରଳିଯାଇ, ଟୋପା ଟୋପା ହୋଇ
ଘରର ଚଟାଣରେ
ଝରିଯାଉଥିଲା... ।

***

Source: Author, Digitized by PPRACHIN, SOA

ବୁଢ଼ୀ କୋଳିଗଛ

କେବେ ସେ ଅଟକାଏ ନାହିଁ
ସ୍କୁଲ ଗଲାବେଳେ ପିଲାମାନଙ୍କୁ
ହେଲେ ଫେରିଲାବେଳେ
ତାଙ୍କୁ ପାଖକୁ ଡାକେ
ବୁଢ଼ୀ କୋଳିଗଛ ।

ଖଟା–ମିଠା କୋଳି ପରି ଭାଷାରେ
ତାଙ୍କ ସାଙ୍ଗରେ କଥା ହୁଏ ।

ତାଙ୍କ ଭଲପାଇବାରେ
ଜୀବନସାରା ଅଭିଭୂତ
ମା' ପରି କୋଳିଗଛ
କେବେ ବି ମନେ ରଖେ ନାହିଁ
ପିଲାମାନେ
କେବେ କେତେବେଳେ
କେତେ ପଥର ଫିଙ୍ଗିଥିଲେ ।

***

Source: Author, Digitized by PPRACHIN, SOA

ମୁଁ ତାକୁ ଏବେ ବି ଭଲପାଏ ନାହିଁ

ମୁଁ ତାକୁ ଭଲପାଉ ନଥିଲି
ମୁଁ ତାକୁ ଏବେ ବି ଭଲପାଏ ନାହିଁ
ମୁଁ ତାକୁ ପସନ୍ଦ କରୁଥିଲି
ମୁଁ ତାକୁ ପାଇବାକୁ ଚାହୁଁଥିଲି
ସତ କହିବାକୁ ଗଲେ
ମୁଁ ତା'ର ଦେହକୁ
ଭୋଗ କରିବାକୁ ଚାହୁଁଥିଲି
ମୁଁ ତା' ଦେହକୁ
ନିଜେ ନିଜ ଦେହର ଘା' ଚାଟୁଥିବା
କୁକୁର ପରି, ଚାଟିବାକୁ ଚାହୁଁଥିଲି
ମୁଁ ତା'ର ଦେହକୁ
ଗେଣ୍ଡାପରି ଚୋଷିବାକୁ ଚାହୁଁଥିଲି
ମୁଁ ତାକୁ ମୁଠାଏ ଚିନି ପରି
ମୁହଁରେ ଭରି
ଚୋବେଇବାକୁ ଚାହୁଁଥିଲି ।

ମୁଁ ଯେତେବେଳେ ତାକୁ ଦେଖୁଥିଲି
ଭାବୁଥିଲି, ତା' ସହ ଅନ୍ତରଙ୍ଗ ହେଲେ
କେମିତି ଲାଗିବ,
କେତେ ଉଜ୍ଜ୍ୱଳ ସେ ହୋଇଥିବ ଭିତରୁ
ଓ ନିଜ ଦେହର ଆଲୋକରେ
ହୋଇଥିବ କେତେ ଆଲୋକିତ
ସେତେବେଳେ, କେମିତି ଲାଗିବ ତା'ର ଲାଜ
ଆଉ ତା'ର ହସ ।

Source: Author, Digitized by PPRACHIN, SOA

ସେଇ ଦିନମାନଙ୍କରେ
ମୁଁ ତାକୁ ଦୁନିଆର
ସବୁଠୁଁ ସୁନ୍ଦରୀ ନାରୀ ବୋଲି କହୁଥିଲି
ପରେ ତା' ସହ ଥିବାବେଳେ
ମୁଁ ତାକୁ ଅନୁଭବ କଲି
ତାକୁ ବାରଂବାର ସେ କଥା
କହି ବି ଥିଲି ।

ତା' ଦେହର ଦୁନିଆଁରେ
ପ୍ରବେଶ ପାଇବାକୁ
ମୁଁ ନିଜକୁ ତା' ପାଦତଳେ
ବିଛେଇଦେଲି ଘାସ ପରି ।
ମୁଁ ତାକୁ କହେ ଯେ
ତମ ସୁନ୍ଦର ପାଦଦୁଇଟି ତଳେ
ଯେତିକି ଦବିବି
ସେତିକି ଚହଟିଉଠିବ ମୋ ରୂପ ।
ତମେ ମତେ ପାଦତଳେ ଗୁପି
ଯେତେଦୂର ଇଛା ଗ୍ଭଲୁଥାଅ
ମୁଁ ତମ ପାଦତଳେ ବଢୁଥିବି
ଦୁନିଆଁର ଆରସୀମାନ୍ତରେ
ପହଞ୍ଚିସାରି ବି
ଶେଷହେବ ନାହିଁ ମୋର ବିସ୍ତାର ।

ମୁଁ ନଦୀବନ୍ଧର କବାଟ ପରି ଖୋଲିଗଲି
ହୋଇଗଲି ତା' ଆଖିର ପାଣି ହିଁ ପାଣି
ତାକୁ ମାଛଟିଏ ହେବାପାଇଁ
ବିବଶ କରିଦେଲି
ପହଁଗିବା ପାଇଁ ବାଧ୍ୟ କଲି ।

Source: Author, Digitized by PPRACHIN, SOA

ଆଜି ତା' ସହ
ଏତେ ଦୂର ଗ୍ଲିବା ପରେ
ମୁଁ ତାକୁ ପଚାରିଲି
ତମର ଆତ୍ମସଂଯମ କେଉଁଠି ହଜିଗଲା
କୁଆଡ଼େ ଗଲା ତମର
ନାହିଁ... ନାହିଁ ପଦ
ତୁମ ପାଇଁ ଗତି ଠିକ୍ ନୁହେଁ
କେବେଠାରୁଁ ଆସିଲା ଏହା ତୁମ ଭିତରେ
ଏବେ ଲଗାମ୍ ଜରୁରୀ ଏଥିପାଇଁ
ମୁଁ ତ କଳ୍ପନା କରିନଥିଲି
ତମ ଭିତରେ ଏତେ ବନ୍ୟା ବି ଥାଇପାରେ
ଇଏ ମତେ ଇ ଭସେଇ ନେଇଯାଏ ।

ମୁଁ ତାକୁ ଏବେ ବି ପ୍ରେମ କରେ ନାହିଁ
ମୁଁ ତାକୁ ଖାଲି ପସନ୍ଦ କରେ
ମୁଁ ତା'ର ଦେହକୁ ପସନ୍ଦ କରେ
ହେଲେ ଏବେ ତା' ଆଖି
ପ୍ରାୟ ସବୁବେଳେ ମୋ ଭିତରେ
ମୋର ସେଇ ପୁରୁଣା ଅନୁରୋଧକୁ
ଖୋଜୁଥାଏ. ଯିଏ ଦିନେ
ପ୍ରବଳ ତୋଫାନ୍ ପରି
ତା'ର ଧୈର୍ଯ୍ୟକୁ ଉଡ଼େଇ ନେଇଥିଲା ।

***

Source: Author, Digitized by PPRACHIN, SOA

ପୁରୁଷ ବିନା କି ରହିପାର ତୁମେ

ଟେଲିଫୋନ୍‌ରେ ସେ କାନ୍ଦ କାନ୍ଦ ହୋଇ କହେ
ତମକୁ ମୋ ରାଣ
ଫୋନ୍ କାଟିଦିଅନି, ମୋ କଥା ଶୁଣ
ତମେ ଯେତେ ଖରାପ ବୋଲି ଭାବୁଛ
ମୁଁ ସେତେ ଖରାପ ଲୋକ ନୁହେଁ
ତମେ ହିଁ ତ ଜଣେ
ଯିଏ ମତେ ଖୁବ୍ ଭଲଭାବେ ବୁଝିପାର ।

ଥରେମାତ୍ର, ମାତ୍ର ଥରୁଟିଏ
ମୁଁ ତମକୁ ଦେଖା କରିବାକୁ ଗ୍ରହେଁ
ତମେ ମତେ ଥରୁଟିଏ ଦେଖା ହେବାର
ସୁଯୋଗ ଦେବା ଉଚିତ
ଥରୁଟିଏ ମୋ କଥା ଶୁଣିବା ଉଚିତ ।

ଆମର କେମିତି, କୋଉଠି କୋଉଠି
ଆଉ କେତେଥର ଦେଖା ହୋଇପାରି ନାହିଁ
କ'ଣ ତମର କିଛି ହେଲେ ମନେ ନାହିଁ
ତମେ କ'ଣ ଭୁଲିଗଲ
ଯେ ତମେ ମତେ କେତେ ଭଲପାଉଥିଲ
ମୋ ପାଇଁ କେମିତି ପାଗଳୀ ହେଉଥିଲ
ମୋ ଠାଣି ଦେଖି ମୋ ପାଇଁ ମରିଯାଉଥିଲ
ମୋ ଆଙ୍ଗୁଠିର ଇସାରାରେ ନାଚୁଥିଲ
ବାୟାଣୀ ପରି ମତେ ଖୋଜୁଥିଲ .
ମୋ ପଛେ ପଛେ ଧାଉଁଥିଲ
ମୁଁ କେବେ ଭାବିନଥିଲି ଯେ
ଯେ ତମେ ମତେ ଭୁଲିପାରିବ

Source: Author, Digitized by PPRACHIN, SOA

କଳ୍ପନା ବି କରିପାରି ନଥିଲି
ମତେ ଭୁଲିବାକୁ
ତମେ ଏତେ କଠିନ ହୋଇପାରିବ ।

କ'ଣ ହେଲା କେଜାଣି
ମୁଁ ତମକୁ ମନା କରିଦେଲି
ଦୂରେଇଗଲି ତମଠାରୁ
ଆଉ କାହାକୁ ବାଛିନେଲି ସାରାଜୀବନ ପାଇଁ
ବାପା ବି ହେଇଗଲି ଯ୍ୟା ଭିତରେ
ହେଲେ ଦେଖ, ବର୍ଷଟାଏ ବି ବିତିନି
ତମେ ମୋର ବହୁତ ମନେପଡ଼ିଲ
ତମ ଦେହର ଛବି
ମୋ ଆଖିରେ ପହଁରିଗଲା
ତମର ଟିକିଏ ସ୍ପର୍ଶ ପାଇଁ
ମୋ ହାତ ବିଚଳିତ ହେଲା
ତମ ମଧୁରତାର ସ୍ୱାଦ ଗୃଖିବାକୁ
ଲାଳସାସିକ୍ତ ହେଲା ମୋର ଜିହ୍ୱା ।

କେମିତି ଏତେ ପିଲାଳିଆ କଥା କହୁଛ ତମେ
ଏବେ ମତେ ମୋ ସ୍ତ୍ରୀ ସହ ଖୁସି ହେବା କଥା
କହତ, କିଏ କ'ଣ କେବେ
ନିଜ ସ୍ତ୍ରୀ ସହିତ ଖୁସି ରହିପାରେ
ତମେ ଅନ୍ତତଃ ମତେ ଏମିତି କଥା
କହିବା ଉଚିତ୍ ନୁହେଁ
ଏକଥା ତମେ ବି ଜାଣିଛ
ଯେ ତମେ ମୋ ବିନା
ଆଉ ମୁଁ ତମ ବିନା
ରହିପାରିବା କେତେ ଖୁସିରେ !

ଛାଡ଼, ସେ ସବୁ କଥା
ଏବେ ଉଠାଇ ଲାଭ ବା କ'ଣ ?
କି ତମେ ଏବେ ବି ଅବିବାହିତା

Source: Author, Digitized by PPRACHIN, SOA

ଆଉ ଯେତେବେଳେ ମୁଁ
ତମକୁ ଏତେ ଭଲପାଉଥିଲି
ସେତେବେଳେ ହିଁ, ତମକୁ ମୋର
ବାହାହୋଇଯିବାର ଥିଲା ।

ଏବେ ଆଉ କ'ଣ ବା ହେଇପାରିବ
ହେଲେ ତମେ ଥରେ ଆସି ଦେଖ
ତମେ ମୋ ପାଇଁ କେତେ ଆବଶ୍ୟକ ।

ଓ ତମକୁ ବି
କୋଉ ନା କୋଉ
ପୁରୁଷର ସଙ୍ଗ ଲୋଡ଼ାଥିବ
ତମ ପାଖରେ ଏବେ
ମୋଠାରୁ ଆଉ ବେଶୀ ଜଣାଶୁଣା
ପୁରୁଷ କିଏ ହୋଇପାରେ ?

ଯେତେବେଳେ ଆମେ
ସବୁବେଳେ ପାଖାପାଖି ଥିଲେ
ତମ ଆକ୍ରମଣ ପ୍ରବଣତା ହିଁ
କହୁଥିଲା, ତମେ ରହିପାର ନାହିଁ ମୋ ବିନା
ସେ ବାଟରେ ମତେ ଛାଡ଼ି
ଗୋଟିଏ ପାଦ ବି ଚାଲିପାର ନାହିଁ
ଏମିତି କେମିତି ହେଇଗଲା
ଯେ ତମେ ରହିପାରୁଛ ପୁରୁଷ ବିନା
ମୁଁ ତ ଭାବିପାରୁନାହିଁ
ମୋ ନିଶାରୁ, କେମିତି ତମେ
ମୁକ୍ତ ହୋଇଗଲ ।

ତମେ ଜାଣିପାରୁଛ ତ
ତମେ ମତେ କ'ଣ କହୁଛ
କ'ଣ ଚାହୁଁଛ ମୋ ପାଖରୁ
ଜାଣିଛ ତ ?

Source: Author, Digitized by PPRACHIN, SOA

ତମେ ଗୁହୁଁଛ
ଯଦି ମୁଁ ତମକୁ ଏତେ ଭଲପାଉଛି
ତା'ହେଲେ ପ୍ରଥମେ ମୋ ସ୍ତ୍ରୀକୁ
ଘରୁ ବାହାର କରିଦିଏ
ପିଲାକୁ ଛାଡ଼ିଦେଇଆସେ
ଆଉ କୋଉଠି
ତା'ପରେ ଯାଇ
ଆସେ ତମ ପାଖକୁ
ତା'ହେଲେ ହୁଏତ ତମେ ମାନିବ
ମୁଁ ତମକୁ ସତରେ ଭଲପାଏ
ଆଉ ବଞ୍ଚିପାରୁନାହିଁ ତମବିନା ।

ତମେ ଜାଣିପାରୁଛ ତ, କୋଉ ସର୍ତ୍ତ
ତମେ ରଖିଛ ମୋ ଆଗରେ !
ତମର ତ କେବଳ
ମୋ ସଂପର୍କରେ ଭାବିବା କଥା ।

ଏବେ ତମେ କୁହ ତ
ପିଲାଙ୍କୁ କୋଉଠି ଛାଡ଼ିପାରିବି ମୁଁ
ସ୍ତ୍ରୀକୁ କେମିତି ଛାଡ଼ପତ୍ର ଦେବି
କେମିତି ନାରୀ ତୁମେ
ଅମଙ୍ଗଳ ଗୁହୁଁଛ ଆଉ ଗୋଟେ ନାରୀର
ଆଉ ବରବାଦ କରିବାକୁ ଗୁହୁଁଛ
ତମ ପ୍ରିୟ-ପୁରୁଷର ଘର ।

ଗୋଟିଏ ମୁହୂର୍ତ୍ତ ବି ରହିପାରୁନଥିଲ
ତମେ, ଯାହାକୁ ମୁରୁଛି
ତମକୁ ପୁଣି ପାଇବା ପାଇଁ
ଯାହା ହାତ
ଆଜିକାଲି ଅଥୟ ହେଉଛି ।

***

Source: Author, Digitized by PPRACHIN, SOA

ଏ ଦିନ କ'ଣ କେବେ ଭୁଲିହେବ

ଟେଲିଫୋନ୍‌ର ଘଣ୍ଟି ଶୁଣି ନିଦଭାଙ୍ଗେ
ସେ ପଟରୁ ବଂଧୁ ଜଣାଏ
ବିବାହର ଷୋଳବର୍ଷ ପୁରିବାର ଶୁଭେଚ୍ଛା ।

ମୁଁ ଆଶ୍ଚର୍ଯ୍ୟ ହୋଇଗଲି
ଓ ତାଙ୍କୁ ଅନେକ ଅନେକ
ଧନ୍ୟବାଦ ଦେଲି ।

ପତ୍ନୀଙ୍କୁ ଡାକିଲି ଓ ପଗ୍ଚରିଲି
ତମେ ଜାଣିଛ କି, ଆଜି କ'ଣ ?
ସେ କହିଲେ ହଁ ଜାଣିଛି
ତମେ ହିଁ ଜଣେ ଲୋକ
ଯାହାର କିଛି ମନେରହେ ନାହିଁ
ଇଏ କ'ଣ ଭୁଲିଯିବାର ଦିନ !

ସତ୍‌ରେ, ଏ କ'ଣ ଭୁଲିଯିବା ପରି ଦିନ
ଆମ ଦୁହିଁଙ୍କ ଭିତରେ ସଂପର୍କର
ଏହି ଦିନଟି ହିଁ
ପ୍ରଥମ ଦିନ ଥିଲା
ମାଟି ବାସନ ପରି
ନୁଆ, ଚକ୍ ଚକ୍
ଚଉଦ ବର୍ଷର ତମେ
ଆଉ ମୋର, ଅଠର ବର୍ଷ ବେଳର
ସେତେବେଳେ ଆମେ ଦୁହେଁ ଦୁହିଁଙ୍କ ପାଇଁ
ଦୁହେଁ ଦୁହିଁଙ୍କ ଆଗରେ

Source: Author, Digitized by PPRACHIN, SOA

ଦୁଇଟି ଅଲଗା ଅଲଗା
ଦେହ ମାତ୍ର,
ସେତେବେଳେ ମୁଁ ତା' ଭାଷା ବୁଝୁଥିଲି
ଓ ତମେ ଯୋ'ର
ଦୁହିଁଙ୍କ ଭିତରେ
ଏକ ଗତିଶୀଳତା ଥିଲା
ଯାହା ପରସ୍ପରକୁ ଛୁଇଁଲାପରେ
ସବୁଥର ଚୁପ୍ ହୋଇଯାଉଥିଲା
କିନ୍ତୁ ତା'ର ମଧୁରତା
ଆମ ଭିତରେ ମିଶ୍ରି ପରି
ଗୋଳେଇ ହେଇ ଯାଉଥିଲା
ତା'ର ମିଠାପଣର ସ୍ଥାୟିତ୍ୱ ଥିଲା ।

ଦୁଇଟି ଦେହ ଭିତରର
ଏଇ କୁହୁକ ସଂସାର
ଚକିତ ଭାବ
ଧୀରେ ଧୀରେ ଖୋଲି ଖୋଲି ଗଲା
ଆମ ଦୁହିଁଙ୍କ ଆଖି ଆଗରେ
ଧୀରେ ଧୀରେ ଆମେ ଅନୁଭବ କଲେ
ଆମେ ଦୁହେଁ ଖାଲି
ଦୁଇଟି ଦେହ ନୁହେଁ
ପରସ୍ପର ପାଇଁ ଆତୁରି
ବହୁତ କିଛି... ।

ଦେଖୁ ଦେଖୁ ଆମ ଭିତରେ ଥିବା
ଖୁସିବାସିଆ ମନ
ବାହାରକୁ ଆସିଲା
ଆମ ଇଚ୍ଛା, କାମନା, ସ୍ୱପ୍ନ ସବୁ
ଗୋଟି ଗୋଟି ହୋଇ
ଆମ ଦୁନିଆଁକୁ ଆସିଲେ ।

Source: Author, Digitized by PPRACHIN, SOA

ସଂସାରର ଯେଉଁ ସତ୍ୟ ସବୁକୁ
ଦିନ ଦିନ ଧରି
ଆମେ ଅଂଧାରରେ କଳ୍ପନା କରୁଥିଲେ
ସେମାନେ ସବୁ
ଆଲୁଅକୁ ବାହାରି ଆସିଲେ ।

ତା'ରି ଥଣ୍ଡା ପାଣିରେ
ଆମେ ପହଁରି ଶିଖିଲେ
ଆଉ ତା'ରି କଳା ପାଦଚଲା ବାଟରେ
ଖାଲି ପାଦରେ ଚାଲିଲେ ମାଇଲ୍ ମାଇଲ୍ ।

ପୁଣି ପରସ୍ପର ପାଇଁ, ପରସ୍ପର ଆଗରେ
ଦୁଇଟି ଦେହ ହୋଇ ରହିଲେନି ଆମେ
ଆମ ଭିତରେ ଦୂରବୀକ୍ଷଣରେ ଦେଖିଲା ପରି
ବିସ୍ତାରିତ ହେଲା ସଂସାର ।

ଯାହାଦ୍ୱାରା ଆମେ ଦୁହେଁ-ଦୁହିଁଙ୍କୁ
ଦୂରପାଖ, ପାଖଦୂରରୁ ଦେଖିବାରେ ଲାଗିଲେ
ଆଉ ଆଜିଯାଏ ଦେଖି ଦେଖି ଆସିଲେ ।

ପତ୍ନୀ ଠିକ୍ କହୁଥିଲେ ଏମିତି ଦିନ
କ'ଣ ଭୁଲିବାର ଦିନ
କେବଳ ଏହି ଦିନଟି
ଯେଉଁଦିନ ଆମକୁ
ନିଜ ନିଜର ଦେହର ଇତିହାସକୁ
ଓଲଟାଇ ଦେଖିବାକୁ
ତତ୍ପର କରେ... ।

***

Source: Author, Digitized by PPRACHIN, SOA

ସେଇ ଅନୁଭବଟି ବିଷୟରେ

ଘରୁ ବାହାରି ଦୂରକୁ ଗଲାବେଳେ
ତମ ଓଠରେ
ମୁଁ ଯେଉଁ ଚୁମ୍ବନ ଛାଡ଼ିଆସିଛି
ମୁଁ ଫେରିଆସିବା ଯାଏଁ
ସେ ଅନୁଭବ
ଯେମିତିକୁ ସେମିତି
ରହିଥିବ ପ୍ରିୟ... !

ତମେ ଯେତେ ଜୋର୍‌ରେ ବି
ରଗଡ଼ି ରଗଡ଼ି
ତାକୁ ଧୋଇଦିଅ
ଅବା ଚୁଲି ଜଳାଇବାକୁ
ଯେତେ ଜୋର୍‌ରେ ଫୁଙ୍କିଲେ ବି
କି ଓଠରେ ପରସ୍ତ ପରସ୍ତ
ରଙ୍ଗ ଲଗେଇଲେ
ସେ ଜିଦିଆ
କେବେ ବି ହଟିବ ନାଇଁ ଓଠରୁ ।

ମୁଁ ସେଠି ରହିବି
ସବୁଦିନ ତମକୁ ଫୋନ୍ କରିବି
ପଗ୍ଣରିବି ତମ ବିଷୟରେ
ଓ ପିଲାଙ୍କ ବିଷୟରେ
ଆଉ ବି ପଗ୍ଣରିବି
ସେ ଅନୁଭବଟି ବିଷୟରେ
ଯାହା ଛାଡ଼ିଆସିଛି ତମ ଓଠରେ ।

Source: Author, Digitized by PPRACHIN, SOA

ସେତିକି ଦିନ,
ଯେତେଦିନ ମୁଁ ରହିବି
ଏଠି, ତମଠାରୁ ଦୂରରେ
ତମ ଆଖପାଖରେ
ସବୁ ଜିନିଷ ଭିତରେ
ମତେ ଅନୁଭବ କରିବାକୁ
ତମ ଓଠରେ
ଏ ଅନୁଭବ ରହିଥିବ
ନିବିଡ଼ ବିଶ୍ୱାସଟିଏ ପରି ସାଥୀରେ ।

Source: Author, Digitized by PPRACHIN, SOA

ଆମେ ପତି, ଆକର୍ଷଣହୀନ ପତ୍ନୀମାନଙ୍କର

ଆମେମାନେ ସେଇପରି ପତିଗଣ
ଯାହାଙ୍କୁ ମିଳିଲେ ନାହିଁ ସୁନ୍ଦରୀ ପତ୍ନୀ ।

ଆମ ଭିତରୁ କେଇଜଣଙ୍କର ବାହାଘର
ଝିଅ ନ ଦେଖି ହୋଇଛି
ମାଆ-ବାପା ଯାଇ ଝିଅ ଦେଖିଲେ
ପସନ୍ଦ କଲେ ଓ ନେଇଯାଇ
ବେଦୀ ଉପରେ ବସାଇଦେଲେ
ନା ସେମାନେ ଆମକୁ ପଚ୍ଚରିଲେ
ନା ଆମେ ତାଙ୍କୁ
ଝିଅ ଦେଖିବାକୁ ଚାହୁଁ ବୋଲି
କହିପାରିଲୁ
ତା' ଉପରେ ସେମାନେ
ଘୋଷଣା ବି କରିଦେଲେ ଯେ
କୋଉ ମା-ବାପା କ'ଣ
ନିଜ ପୁଅ ପାଇଁ
ଖରାପ୍ ଝିଅ ପସନ୍ଦ କରନ୍ତି ?

ହେଲେ ଯେତେବେଳେ ଆମେ
ପ୍ରଥମ ରାତିରେ
ପତ୍ନୀର ଓଢ଼ଣା ଟେକିଲୁ
ତ ଛଟପଟ ହେଇଗଲା
ସୁନ୍ଦରୀଟିଏ ପାଇବାକୁ
ଚାହୁଁଥିବା ମନ
ଆମେ ଦୁଇ, ଦୁଇ,

Source: Author, Digitized by PPRACHIN, SOA

ତିନି-ତିନିଟା ପିଲାର
ବାପା ହେଲାପରେ ବି
ଆଜି ପସ୍ତଉଛୁ, ଆହା
ସେତେବେଳେ ନିଜେ ଯାଇ
ଝିଅ ଦେଖିବାକୁ
ଜିଦ୍ ଧରିବାର ଥିଲା ।

ଆମକୁ ସବୁବେଳେ ଲାଗେ
କୌଣସି ମେଳ ନଥିବା
ଯୋଡ଼ି ଆମର
ଆମେ କେତେ ସୁନ୍ଦର
ହ୍ୟାଣ୍ଡସମ୍ ଆଉ ସ୍ମାର୍ଟ
ଆଉ ଆମ ତୁଳନାରେ
ଆମ ପତ୍ନୀମାନେ
କେତେ ଆକର୍ଷଣହୀନ
ଆମେମାନେ କେତେ ଲମ୍ବାଗୋଡ଼ା
ଆଉ ସେମାନେ କେତେ ଗେଡ଼ି
ଓ ମଲାପରି
ଆମେ ପତଳା, ଶାଣଦିଆ ଛଡ଼ ପରି
ସେମାନେ କେଡ଼େ ମୋଟାଳିଆ
ଆମେ କେତେ ଶିକ୍ଷିତ ଓ ସଭ୍ୟ
ଆଉ ଆମ ତୁଳନାରେ
ସେମାନେ କେଡ଼େ ଅଶିକ୍ଷିତ
ଓ ଗାଉଁଲିଆ ।

ତାଙ୍କ ଦେହକୁ କୌଣସି ଲୁଗାପଟା ମାନେନାହିଁ
ତାଙ୍କ ଦେହର ରଙ୍ଗ ସହିତ
ଖାପ ଖାଏ ନାହିଁ କୋଉ ରଙ୍ଗ
ଆମକୁ ସେମାନଙ୍କ ସହିତ
ଠିଆ ହେବାକୁ ବି ଅଡୁଆ ଲାଗେ

Source: Author, Digitized by PPRACHIN, SOA

ସାଙ୍ଗରେ, କୁଆଡ଼େ ନେଇଯିବାକୁ ଲାଜମାଡ଼େ
ଆଉ ସବୁ ଛାଡ଼
ଆମେ ତ ତାଙ୍କୁ କଥାଛଳରେ
ଥଟ୍ଟା ମଜ୍ଜାରେ ଏ କଥା
କହି ବି ଦେଇଛୁ
ଯେ ଯଦି ତମକୁ ଆମେ
ବାହାଘର ପୂର୍ବରୁ ଦେଖିଥାନ୍ତୁ
ତା'ହେଲେ କମ୍ ସେ କମ୍
ତମେ ଆମର ପତ୍ନୀ କେବେ ହୋଇନଥାନ୍ତ ।

କେବଳ ଏଇ କାରଣରୁ
ଯେତେବେଳେ ବି ଟିକେ ମୌକା ମିଳେ
ଅନ୍ୟର ସୁନ୍ଦରୀ ସ୍ତ୍ରୀମାନଙ୍କୁ
ଆଖି ଫାଡ଼ି ଫାଡ଼ି ଦେଖିବାରେ ଲାଗିଯାଉ
ଅନ୍ୟର ସ୍ତ୍ରୀକୁ ଦେଖିଲାମାତ୍ରେ
ଆମ ମୁହଁ ଲାଳେଇଯାଏ
ଶିରାପ୍ରଶିରାରେ ରକ୍ତ
ଜୋର୍‌ରେ ପ୍ରବାହିତ ହୁଏ
ଯେତେବେଳଯାଏଁ ଅନ୍ୟମାନଙ୍କ ସ୍ତ୍ରୀମାନେ
ଆମ ଗହଣରେ ଥାଆନ୍ତି
ସେତେବେଳଯାଏ ଲୁଚିଛପି
ଆମେ ତାଙ୍କୁ ଦେଖୁଥାଉ
ତାଙ୍କ ଭିତରେ ଖୋଜୁଥାଉ
ନିଜ ନିଜ ସ୍ତ୍ରୀମାନଙ୍କ ବଦଳରେ
ଆମକୁ ମିଳିନଥିବା
ଆମର ମନର ମାନସୀ
ସବୁ ବିଶ୍ୱାସକୁ ଧ୍ୱଂସ କରିଦେଇ
ଆମେ ଅଭ୍ୟାସବଶତଃ
ସେଇ ପରସ୍ତ୍ରୀମାନଙ୍କ ଭିତରେ
ଖୋଜିବସୁ ସମ୍ଭାବନା ।

Source: Author, Digitized by PPRACHIN, SOA

କାହାର ବି ସୁନ୍ଦରୀ ସ୍ତ୍ରୀଟିଏ ଥିଲେ
ସେ ଆମ ଭାବନା ଭିତରେ
ଅନେକ ଦିନ ଧରି
ଆସ୍ଥାନ ଜମାଏ
ମନ ଭିତରୁ ତାକୁ କାଢ଼ିହୁଏ ନାହିଁ
ବରଂ ଦିନ ଦିନ ଧରି
ତାକୁ ଧରି
ଆମେ ଭାବନା ରାଜ୍ୟରେ
ଅତୃପ୍ତ ଇଚ୍ଛାମାନଙ୍କ ସହିତ
ବିଚରଣ କରୁ ।

ଆମକୁ ସୁନ୍ଦରୀ ସ୍ତ୍ରୀଟିଏ ମିଳିନାହିଁ
ଏହାହିଁ ଆମର ସ୍ଥାୟୀ ଦୁଃଖ
ଏମିତି ଗୋଟିଏ ରାଗିଣୀ
ଯାହାକୁ ଆମେ
ସବୁବେଳେ ଗୁଣୁଗୁଣୁ ହେଉ
ଆମକୁ ସୁନ୍ଦରୀ ପତ୍ନୀ
ମିଳିନଥିବାର ଦୁଃଖକୁ
ଊଣା କରିବା ପାଇଁ
ଆମେ କିଛି ନା କିଛି କରୁଥାଉ
ଯେପରି ଆମେ ସବୁବେଳେ
ସୁନ୍ଦରୀ ନାରୀମାନଙ୍କ
ଯୋଗାଡ଼ରେ ଲାଗିଥାଉ
ଆମ ବୁଦ୍ଧି, ସବୁବେଳେ
ସୁନ୍ଦରୀ ନାରୀଙ୍କୁ ପାଲରେ ପକାଇବାର
ଉପାୟ ପାଞ୍ଚୁଥାଏ
ଆମେ ଯେନତେନ ପ୍ରକାରେଣ
ସେମାନଙ୍କ ସାନ୍ନିଧ୍ୟ ପାଇବାକୁ ଗ୍ରହୁଁ
ସେମାନଙ୍କୁ ପ୍ରାପ୍ତ କରିବାକୁ ଗ୍ରହୁଁ
ଭଲମନ୍ଦ ବିଗ୍ରର କରୁନା

Source: Author, Digitized by PPRACHIN, SOA

ଓଲଟା ବିଗ୍ଚର କରୁ
ଯେ ସୁନ୍ଦରୀ ପତ୍ନୀ ନାହିଁ ବୋଲି କ'ଣ
ଜୀବନରେ ଗୋରୀ-ତୋରୀ ନାରୀଟିଏ
ନ ପାଇବାର ଦୁଃଖ ନେଇ
ଏ ସଂସାରରୁ ଗ୍ଚାଲିଯିବାକୁ ହେବ ?

ସୁନ୍ଦରୀ ପତ୍ନୀ ନ ଥିବାରୁ ହିଁ ତ
ଆମ ସମସ୍ତଙ୍କ ପାଖରେ
ନିଜ ନିଜ ପତ୍ନୀଙ୍କ ଛଡ଼ା
ଜଣେ ଦି'ଜଣ ବିକଳ୍ପ ରୂପସୀ ଅଛନ୍ତି
ଯଦିଓ ସେମାନେ ବି
ବହୁତ ବେଶୀ ସୁନ୍ଦରୀ ନୁହଁନ୍ତି
ତଥାପି ସେମାନେ
ଆମ ସ୍ତ୍ରୀମାନଙ୍କଠାରୁ
ଅବଶ୍ୟ ଅଧିକ ସୁନ୍ଦର ଦିଶନ୍ତି
ଯେଉଁମାନଙ୍କ ଦେହ ସରୋବରରେ
ଆମର କୁଣ୍ଡା ବୁଡ଼ି ବୁଡ଼ି ଗାଧାଏ
ଓ ସେଥିରେ କୁଦାକୁଦି କରେ
ସେମାନଙ୍କୁ ପାଇଲେ
ରଙ୍ଗମହଲ ହାତମୁଠାକୁ
ଆସିଲାପରି ଲାଗେ ।

କିନ୍ତୁ ଏଥିରେ ବି ଆମର
ଅଭ୍ୟାସ ଖରାପ ହୋଇଯାଏ
ଆମେ ସବୁବେଳେ ସୁନ୍ଦରୀନାରୀଙ୍କୁ
ଖୋଜି ଗ୍ଚାଲିଥାଉ
ଗୋଟିଏ ପରେ ଗୋଟିଏ
ସୁନ୍ଦରୀଙ୍କ ଆଡ଼କୁ ଡେଇଁ ପଡ଼ିବାକୁ
ଆମର ସଙ୍କୋଚ୍ ନଥାଏ ।

Source: Author, Digitized by PPRACHIN, SOA

ଆମକୁ ସୁନ୍ଦରୀ ପତ୍ନୀ
ମିଳିନାହିଁ ବୋଲି
ଆମେ କ'ଣ ଆମ
ସ୍ତ୍ରୀମାନଙ୍କ ସହ
ଜୀବନ ବଞ୍ଚିନାହୁଁ
ଇଏ ତ ଆମର ସଦାଶୟତା
ଯେ ପସନ୍ଦ ନ ହେଲେ ବି
ଆମେ ଆମ ସ୍ତ୍ରୀମାନଙ୍କ ସହିତ
ରହିଛୁ ଓ ଆମର ଦୁଇ ତିନୋଟି
ପିଲା ବି ହୋଇଛନ୍ତି
ଓ ଆମର ଜୀବନସାରାର
କଳାଧନ, ଆମେ ତାଙ୍କ ନାମରେ
କରିଦେଇଛୁଁ,
ସଂପତ୍ତି, ଗାଡ଼ିଘୋଡ଼ା ବି
ତାଙ୍କରି ନାମରେ
ବୈଠକଖାନାରେ ତାଙ୍କ ସହିତ
ଉଠେଇଥିବା ଫଟୋ ଟଙ୍ଗେଇଛୁ
ଓ ଆମେ ତାଙ୍କୁ ଜାଣିବାକୁ
ଦେଇନାହୁଁ ଯେ
ଖାଲି ଦେହରେ ସମ୍ବନ୍ଧ ଥିବା
ଆମର ସେଇ ସାଧାରଣ ଦେଖାଯାଉଥିବା
ସ୍ତ୍ରୀମାନଙ୍କ ଛଡ଼ା
ଅନ୍ୟ ନାରୀମାନଙ୍କ ସହିତ
ଆମର ଦେହ-ମନର
ଗଭୀର ସଂପର୍କ ଅଛି ।

ଏକେ ତ ଆମକୁ
ସୁନ୍ଦରୀ ପତ୍ନୀ ନ ମିଳିବା
ଘୋର ଅନ୍ୟାୟ
ତା' ଉପରେ ଆମର

Source: Author, Digitized by PPRACHIN, SOA

ଧନ ସଂପତ୍ତିରେ ଭରା ପକେଟ୍
ଆଗପଛରେ ଗ୍ଭଲୁଥିବା ମଟରଗାଡ଼ି
ଭାଙ୍ଗ ପଡୁନଥିବା ଆମର
ଚକମକ ପୋଷାକପତ୍ର
ଓ ତା' ଉପରେ ଆମର
ଅନାକର୍ଷଣୀୟ ପତ୍ନୀମାନେ... ।

ଏଥିରେ ଆମେ
ସୁନ୍ଦରୀ ନାରୀମାନଙ୍କୁ
ଫସେଇବୁନି ତ
ଆଉ କ'ଣ କରିବୁ ?

***

Source: Author, Digitized by PPRACHIN, SOA

ଟାଇପିଷ୍ଟ

ଅଫିସ୍‌ରେ, ଆମ ଭିତରେ
ସମସ୍ତେ ତାକୁ ପାଇବାର
ଦୁର୍ଲଭ ଇଚ୍ଛା ପୋଷଣ କରନ୍ତି ।

ଆମ ଭିତରେ କିଛି ମତଭେଦ ନାହିଁ
ଏମିତିରେ ଆମେ ପରସ୍ପର ସହିତ
ଖୁବ୍ କମ୍ କଳିଗୋଳ କରୁ
ଓ ସବୁଠୁଁ ମହତ୍ତ୍ୱପୂର୍ଣ୍ଣ
ଦବା-ନବା ମାମଲାରେ
ଆମ ପାରସ୍ପରିକ ବୁଝାମଣା
ଏତେ ଭଲ ଯେ
ଆମ ସହିତ ମିଶିଲେ
ଆମେ ସମସ୍ତେ ଆପଣଙ୍କୁ
ମାଉସୀପୁଅ ଭାଇ ପରି ଦିଶିବୁ ।

କିନ୍ତୁ ଟାଇପିଷ୍ଟକୁ କେନ୍ଦ୍ର କରି
ଆମ ଭିତରେ, ପରସ୍ପର ପ୍ରତି
ଅଲଗା ଅଲଗା ଈର୍ଷା ଅଛି ।

ଟାଇପିଷ୍ଟର ସୁନ୍ଦର ମୁହଁକୁ
କଣେଇ କଣେଇ ଗୃହିଁବା
କି ତା' ସହିତ
ହସି ହସି କଥାବାର୍ତ୍ତା ହେବାଟା
ଆମ ଭିତରେ, କେହି କାହାକୁ

Source: Author, Digitized by PPRACHIN, SOA

ସହିପାରନ୍ତି ନାହିଁ
ଆମ ଭିତରୁ କେହିଜଣେ
ସ୍କୁଟରରେ, ଟାଇପିଷ୍ଟକୁ
ତା' ଘରଯାଏଁ ଲିଫ୍ଟ ଦେବାକୁ
କେହି ବରଦାସ୍ତ କରନ୍ତି ନାହିଁ
ଏ ସବୁ କଥାର ତିକ୍ତତା
ଆମ କଥା ଓ ଚେହେରାରେ
ସଫା ସଫା ଦେଖାଯାଇପାରେ ।

ଏ କଥା ଭାବି
'ଖ' ତା' ଆଗରେ
'କ' ର ଚେର ଓପାଡ଼ି ଦିଏ
ମଉକା ମିଳିବା ମାତ୍ରେ
'ଗ' ବନେଇଚୁନେଇ
ତା' ଆଗରେ
'ଘ' ବିଷୟରେ କହେ ।

ଦେଖାଯାଏ ଯେ
ଏସବୁ କଥା
ଓ ତା'ଠୁଁ ବି ବେଶୀ
ତା' ବିଷୟରେ ଜାଣିବା ପାଇଁ
ଅଫିସ୍‌ରେ ସମସ୍ତେ ଏକାପରି ।

ତା'ର ଓ ନିଜ ସାଥୀମାନଙ୍କର
ଦୃଷ୍ଟି ଏଡ଼ାଇ
ତା'ର ସୁଢ଼ଳ ଅଙ୍ଗର ଉତ୍ତେଜନାକୁ
ନିଜ ଅଙ୍ଗରେ ଅନବରତ
ଅନୁଭବ କରୁନଥିବା
ଜଣେ ବି ନାହିଁ ଆମ ଅଫିସ୍‌ରେ ।

Source: Author, Digitized by PPRACHIN, SOA

ତାକୁ ଏକଥା କେବେ ବି ଜଣାନାହିଁ
ଯେ ଆମେ ସବୁ
କେତେଥର କଳ୍ପନା ଓ ସ୍ୱପ୍ନରେ
ତା'ର ଚିରକୁମାରୀ ବିଛଣାରେ
ତା' ସହିତ, ସହବାସ କରିସାରିଛୁଁ ।

--*

Source: Author, Digitized by PPRACHIN, SOA

କେମିତି ଦେଖାହେବ ?

କେମିତି ଦେଖାହେବ
ତମ ସାଥୀରେ ।

ଖାଲି ଶ୍ରେଣୀକକ୍ଷରେ
କେଉଁ ବେଞ୍ଚ୍‌ତଳେ ପଡ଼ିଥିବା
ପେନ୍‌ସିଲ୍‌ଟିଏ ପରି
ତମେ ଚୁପ୍‌ଚାପ୍ ଉଠେଇନେଇ
ମତେ ରଖିଦେବ ବ୍ୟାଗ୍‌ରେ ।

କେଉଁ ମେଳାରେ
ତମ ପସନ୍ଦ ହେଉଥିବା ରଙ୍ଗର
ରିବନ୍‌ଟିଏ ପରି, ତମକୁ ଦିଶିବି
ଆଉ ତମେ ନିଜ ଖୁସିକୁ
ଲୁଚଉ ଲୁଚଉ, ମତେ କିଣିନେବ ।

କି, କିଛି ଏଇପରି ଦେଖାହେବ
ଯେମିତି ମଝିରାସ୍ତାରେ
ଛିଡ଼ିଯାଇଥିବା ତମ ଚପଲ୍ ପାଇଁ
ଅତି ଦରକାରୀ
ସେଫ୍‌ଟିପିନ୍‌ଟିଏ... ।

***

Source: Author, Digitized by PPRACHIN, SOA

ଆପତ୍ତି-ଅଭିଯୋଗ ଭିତରେ ପ୍ରେମ

ଏକାସାଙ୍ଗରେ ଏତେ ଆପତ୍ତି ଅଭିଯୋଗ
କେବେ ଭୋଗିନଥିଲେ
ଆପତ୍ତି ନୁହେଁ, ସତେ କି
ପିମ୍ପୁଡ଼ିମାନଙ୍କର ଧାଡ଼ି
ଆମରି ଆଡ଼କୁ ଲମ୍ବିଆସୁଛି
ଗୋଟିକ ପରେ ଗୋଟିଏ
ଲଗାତାର... ।

ଆମେ ପଚାରିବାକୁ ଚାହୁଁ
ସାହେବ, କ'ଣ ଅସୁବିଧା କରୁଛୁଁ ଆମେ
ଆପଣ ଆମର କିଏ
ମୁଲ୍ଲା ନା କାଜି ନା ଆଉ କିଏ
ଆମ ପଛରେ ଲାଗିଛନ୍ତି
ଆମ ଉପରେ ସବୁବେଳେ ଆଖି
ବୁଲେଇ ବଙ୍କେଇ
ଆମରି କଥା ପଡୁଛି
ଆପଣଙ୍କ ପାଇଁ
ଆମେ ଇ ସବୁଠୁଁ ବେଶୀ ଆପତ୍ତିଜନକ
ଆମକୁ ନେଇ, ଆପଣଙ୍କ ଭିତରେ
ଆପତ୍ତିର ଗୋଟାଏ ବିରାଟ ପାହାଡ଼
ଠିଆ ହୋଇଗଲାଣି ଯେମିତି ।

ଆମେ ତ କିଛି ଦୋଷ କରିନୁଁ
ପରସ୍ପର ସହିତ କଥାବାର୍ତ୍ତା କରିବା ତ
ଅପରାଧ ନୁହେଁ

Source: Author, Digitized by PPRACHIN, SOA

ଆପଣଙ୍କୁ ସେ କଥାବାର୍ତ୍ତାରେ
ସାମିଲ୍ କରିବା ବି
ଜରୁରୀ ନୁହେଁ
ଆମ ଦୁହିଁଙ୍କ ମଝିରେ
ତୃତୀୟର ବା କାମ କ'ଣ ?
ପୁଣି ଆମପରି ଦୁଇଜଣଙ୍କ କଥାବାର୍ତ୍ତା
ତୃତୀୟ ଲୋକପାଇଁ ବି ନୁହେଁ ।

କିନ୍ତୁ ଆପଣ ଯେତେବେଳେ ବି
ଆମକୁ ଦେଖନ୍ତି
ସେତେବେଳେ ଅନ୍ୟମାନଙ୍କୁ
ନ କହି ରହିପାରନ୍ତି ନାହିଁ ଯେ
ଏମାନେ ଖାଲି ଗପୁଛନ୍ତି
ୟା'ଙ୍କ ଗପ ଜମା ସରୁନି
କ'ଣ ଏତେ ଗପୁଛନ୍ତି କେଜାଣି ?
ଏମିତି ଚଳିବ ନାହିଁ
କିଛି ନା କିଛି କରିବାକୁ ହେବ ପ୍ରତିକାର
ଏମାନଙ୍କର ଏଇ
ଅନବରତ ଗପସପର ।

ଆମେ, ହୋଟେଲ୍ ବାହାରେ
ପଡ଼ିଥିବା ବେଞ୍ଚ୍‌ରେ ବସି
ଗୁହା ପିଇଲୁ ତ
କ'ଣ ଅଲଗା କଥା ହେଲା
ନ ହେଲେ,
ସାଙ୍ଗରେ ଆଉ କାହାକୁ ନ ନେଇ
ହୋଟେଲ୍ ଭିତରକୁ
ଗୁହା ପିଇବାକୁ ଗଲୁ ତ
କ'ଣ ଅଲଗା କଥା ହେଲା
କାହାକୁ ଆମ ରସଭଙ୍ଗ କରିବାର

Source: Author, Digitized by PPRACHIN, SOA

ସୁଯୋଗ, ଆମେ କାହିଁକି ଦିଅନ୍ତୁ
ଆପଣଙ୍କୁ ସାଥୀରେ ଡାକନ୍ତୁ
ଏବଂ ପରସ୍ପରକୁ
ମନକଥା କହିପାରନ୍ତୁ ନାହିଁ
ଆପଣ ବସିଥିବା ଯାଏଁ
ଖାଲି ଦୁହେଁ ଦୁହିଁଙ୍କ
ମୁହଁକୁ ଗୃହୁଁଥାନ୍ତୁ
ଓ ଆପଣଙ୍କ ସାଥୀରେ
ଏମିତି ଫେରିଆସନ୍ତୁ
ଯେମିତି ଆଜି ହୋଟେଲ୍‌ରେ
ଗୃ ପିଇବାଟା
ପୂରାପୂରି ବେକାର୍ ହେଇଗଲା
ତଥାପି ଆପଣ କହନ୍ତେ
ଆଜିକାଲି ତ ଖୁବ୍ ଗୃହା-ପିଆ ହେଉଛି
ଦେଖ, କୋଉଦିନ
ଗୃ ତ ଗୃ
ପାଣି ପିଇବାକୁ ବି
ପାଇବ କି ନାହିଁ ।

ଆମ ଦି'ଜଣଙ୍କର
ଏକାସାଙ୍ଗରେ କେଉଁଠି
ପହଞ୍ଚିବାର ଅଛି
ଏକାସାଙ୍ଗରେ ପହଞ୍ଚିବା
କିଛି ନୂଆ କି ଅଜବ କଥା ନୁହେଁ
ଏଇ ସାଧାରଣ ଦୃଶ୍ୟଟି
କେଉଁଠି ବି ଦେଖାଯାଇପାରେ
କିନ୍ତୁ ଯେତେବେଳେ
ଆପଣ ପ୍ରଥମରୁ ଇ
କଥାରେ କଥାରେ, ସେ ଜାଗାରେ
ଏମିତି ଏକ ବାତାବରଣ

Source: Author, Digitized by PPRACHIN, SOA

ଗଢ଼ିଦିଅନ୍ତି ଯେ...
ଦେଖିବ ରୁହ
ଦୁହେଁ ସାଙ୍ଗ ହୋଇ ଆସିବେ
ଓ ଯଦି ଆମେ
ଆଗରୁ ପହଞ୍ଚିଯାଇଥିବୁ ତ
ଆପଣ ଜାଣିବାକୁ ଚାହିଁବେ
ଆମେ ନିଶ୍ଚୟ ସାଙ୍ଗହୋଇ ଆସିଥିବୁ
ଆରେ ଭାଇ,
ସେମାନେ ଅଲଗା ଅଲଗା
ଆସିପାରିବେ ଇ ନାଇଁ
ପୂରା ପାର୍ଟିରେ କେମିତି
ଜଣେ ଜଣକ ସହିତ
ଜଡ଼ି ରହିବ
ଏକାଠି ଖାଇବେ
ଏକାଠି ପିଇବେ
ଏକାଠି ହସିବେ
ଆଉ କଥା ଥାଉ
କାହାକୁ ଅଭିବାଦନ କରିବେ
ତ, ଏକାଠି କରିବେ ।

ଏମିତି ଲାଗୁଛି
ଯେମିତି ଲୈଲା ମଜନୁ ପରି
ଏଇମାନେ ଜନ୍ମ ହୋଇଛନ୍ତି
କୋଉଦିନ କିଛି
ଲଫଡ଼ା ହେଇଯିବ ତ
ଆଉ ସଂଭାଳି ହେବନାହିଁ
ମୁଁ ତ ଭାଇ
ସେଇଦିନ ସମସ୍ତଙ୍କୁ କହିବି
ସେଇଦିନ ସେମାନେ ବୁଝିବେ ।

Source: Author, Digitized by PPRACHIN, SOA

ଆମ ଭିତରେ ଏଇଲେ
ସେମିତି କିଛି ହେଇନି
ଆମେ ଏବେ, ଜଣେ ଜଣକ ଭିତରେ
ପହଞ୍ଚିବା ଆରଂଭ କରିଛୁ
ଆଉ ଏମିତି ବି ନୁହେଁ
ଯେ ଆମ ଭିତରେ
କିଛି ହେବ ନାହିଁ ।

ଆଜିଯାଏଁ
ଆମପରି ଦୁଇଜଣଙ୍କ ଭିତରେ
ଯାହାକିଛି ଘଟିଆସିଛି
ତା' ଆମ ଭିତରେ ବି କେତେବେଳେ
ଘଟିଯାଇପାରେ
ହେଲେ ଏବେ ଆମେ ସେ ଯାଏଁ
ପହଞ୍ଚି ନାହେଁ,
ଅଥଚ଼ ଆପଣଙ୍କ ଅନୁମାନ ତ
ସୀମା ଟପିଯାଇଛି
ଠିକ୍ ଅଛି, କିନ୍ତୁ ସମୟ ପାଇଁ
ଯଦି ଆମକୁ ଟିକିଏ
ନିରୋଳା ମିଳୁଛି, ତ ଆପଣ
କେତେ ଜାଲ ବୁଣୁଛନ୍ତି
ନିଜ ଆଖିରେ ବୁଣୁଛନ୍ତି ତ ଠିକ୍ ଅଛି
ହେଲେ ଆପଣ ଆମକୁ ନେଇ
ସାରା ସଂସାରର ଆଖିରେ
ବସେଇ ଦେଉଛନ୍ତି,
ଆରେ ଭାଇ,
ଯାହା ସଭିଏଁ କରନ୍ତି
ଆମେ ବି ତ
ସେଇଆ କରିବା ନା
ତଥାପି ଆପଣ

Source: Author, Digitized by PPRACHIN, SOA

ନ କହି ରହିପାରନ୍ତି ନାହିଁ
ଯେ ଦେଖ, ଏମାନେ କେମିତି
ଲଗାଲଗି ହେଇ ରହୁଛନ୍ତି
କୋଉ ମଉକା ଛାଡୁନାହାଁନ୍ତି ।

ଠିକ୍ଅଛି
ଏମିତିରେ ତ, ଆଜିଯାଏଁ ଆମର
ସେମିତି କିଛି କଥାବାର୍ତ୍ତା ହୋଇନାହିଁ
ଆଉ ଯଦି କେବେ ହୁଏ ତ
ଆପଣଙ୍କର ଆପତ୍ତି କାହିଁକି ?
ଆମେ କ'ଣ ଆପଣଙ୍କର
ଖୁଣ୍ଟରେ ବଂଧା ହୋଇଥିବା
ଗାଇ-ବଳଦ ?

ଆମେ ପରସ୍ପର ପାଇଁ
ଯାହା ବି ହେଲେ
ଯେମିତି ହେଲେ
ଛୋଟ-ବଡ଼, ଉଚ୍ଚ-ନୀଚ
ସେଥିରେ ଆପଣଙ୍କର
କ'ଣ ଅଛି ?

ସେ ମୋଠୁଁ କମ୍ ବସନ୍ତ ଭୋଗିଛି
ମୁଁ ବୟସରେ ବଡ଼
ସେ ଧନୀଘରର, ମୁଁ ଗରିବ
ସେ ନୀରିହ, ମୁଁ ଚତୁର
ମୁଁ କାହାକୁ ଗ୍ର କପେ ଯାଚେ ନାହିଁ
ଓ ତାକୁ କୋଲଡ୍ରିଙ୍କ୍ ଦିଏ ।

ଏମିତି, କେତେ ଯେ ଆପତ୍ତି ତମର
ଆମକୁ ସବୁ ଜଣାଅଛି
କିନ୍ତୁ ଆମ ଭିତରେ

Source: Author, Digitized by PPRACHIN, SOA

ଜଣେ ଜଣକୁ ନେଇ
କିଛି ଆପତ୍ତି ନାହିଁ ।

ଆମେ କେଉଁ ମିଳିତ ସରକାରର
ଖାକି ପ୍ରଧାନମନ୍ତ୍ରୀ ନୁହେଁ ଯେ
ଆପତ୍ତି ଅଭିଯୋଗରୁ ବଞ୍ଚିବା ବା
ମୁକୁଳିବା ପାଇଁ
ମିଛଟାରେ ଯେତେବେଳେ ସେତେବେଳେ
ଇସ୍ତଫା ଘୋଷଣା କରି
ନିଜକୁ ସୁରକ୍ଷିତ କରିଦେବା ।

ଆମେ ତ ପ୍ରେମିକ-ପ୍ରେମିକା
ଓ ପ୍ରେମରେ ଦିଆଯାଏନା ଇସ୍ତଫା
ଆମକୁ ଏଇସବୁ
ଆପତ୍ତି ମଝିରେ ହିଁ
ପ୍ରେମ କରିବାକୁ ହେବ,
ଏଇ ଆପତ୍ତିମାନଙ୍କ ମଝିରେ
ବାଛିବାକୁ ହେବ,
ନିଜ ପାଇଁ ନିର୍ଜନତା...
ଏଇ ଆପତ୍ତି ସବୁକୁ ଏଡ଼ାଇ
କେଉଁ ହୋଟେଲ୍ ବାହାରେ ପଡ଼ିଥିବା
ବେଞ୍ଚ୍ ଉପରେ ବସି
ଚା' ପିଇବାକୁ ହେବ
ଏଇ ଆପତ୍ତିମାନଙ୍କ ଆଖିରେ
ଧୂଳିଦେଇ, ପରସ୍ପରକୁ
ଚୁମା ଦେବାକୁ ହେବ
ଏଇ ଆପତ୍ତିମାନଙ୍କୁ, ନିଜର
ମଟରସାଇକେଲ୍‌ର ଚକାତଳେ
ଚାପିଦେଇ, କିଛି ସମୟ ପାଇଁ
କେଉଁ ଦୂରକୁ ଚାଲିଯିବାକୁ ହେବ ।

Source: Author, Digitized by PPRACHIN, SOA

ତମେ ଯେମିତି ଗୃହୁଁଛ, ମୁଁ ସେମିତି ନୁହେଁ

ଏଇ କଥା ପାଇଁ
ମୋର କୌଣସି ପଶ୍ଚାତ୍ତାପ ନାହିଁ
ନା ମୋ ଭିତରେ ଅଛି
କିଛି ଅପରାଧବୋଧ
ସବୁଦିନ ପରି ସେ ଥିଲାବେଳେ
ଆଜି ସେ ମତେ ଯେମିତି ଗୃହେଁ
ମୁଁ ସେମିତି ନୁହେଁ ।

ସବୁଦିନ ପାଇଁ ତାଙ୍କର ହେବା ପୂର୍ବରୁ
ମୁଁ ଆଉ କାହାର ବି ଥିଲି
ଜନ୍ମ ଜନ୍ମ ପାଇଁ
ଆମ ଦୁହିଁଙ୍କର ମିଳନ ତ
ଆଜି ପ୍ରଥମ ନିଶ୍ଚୟ
ହେଲେ ଏମିତି ମିଳନ
ମୋ ପାଇଁ ପ୍ରଥମ ନୁହେଁ
ହୁଏତ ତାଙ୍କ ପାଇଁ ବି
ହୋଇନଥାଇପାରେ ।

ତାଙ୍କ ଦୁଇହାତରେ
ମାଟିହାଣ୍ଡି ପରି ମୁଁ
କଞ୍ଚା ନୁହେଁ...
ପୂରାପୂରି ଅକ୍ଷତ ବି ନୁହେଁ ।

ଯା ପୂର୍ବରୁ
ପୁରୁଷର ହାତ, ମତେ ଛୁଇଁଯାଇଛି

Source: Author, Digitized by PPRACHIN, SOA

ରସିକ ପୁରୁଷଟିଏ
ନିରବରେ
ଠିକ୍ ଠିକ୍ ଛୁଇଁଛି ମତେ
କେତେଥର, ମୋର ଅନ୍ତଃପୁରରେ
ବଡ଼ ଗୌରବରେ
ପ୍ରବେଶ ବି କରିଛ ।

ପ୍ରକୃତରେ କୁମାରୀଜନ୍ମକୁ
ଯେକୌଣସି ପ୍ରକାରେ
ସାଇତି ସଂଭାଳି ରଖିବା ପରି
ପୁଂଜି ବୋଲି ମୁଁ ମନେ କରେନା
ଓ ତାକୁ କେବଳ
ସ୍ୱାମୀକୁ ସମର୍ପଣ କରିବାକୁ
ଭାବେନା,
ମୁଁ ତାକୁ-ବଂଧନ ପରି ନୁହେଁ
ନିଜର ଅଧିକାର ପରି ଭାବିଛି ।

ମୁଁ ତ ବୁଝିପାରିବା ଆଗରୁ ହିଁ
ଅଚାନକ ତା'ର ବର୍ଷା
ମତେ ଭିତର ଯାଏଁ
ଭିଜେଇ ଦେଲା
ମୁଁ ସେଇ ଝିଅମାନଙ୍କ ଭିତରୁ ଜଣେ
ଯେଉଁମାନେ, ସବୁବେଳେ ଏମିତି
ଭିଜି ଭିଜି,
ଜୀବନସାରା ଥାଆନ୍ତି ଓଦା ଓଦା
ଓ ନିଜର, ଏଇ ବର୍ଷାଭିଜା ଦେହ
ପୋଛିବାକୁ ଚେଷ୍ଟା କରନ୍ତି ନାହିଁ ।

ଏହା ଆଗରୁ
ଏ ବିଷୟରେ

Source: Author, Digitized by PPRACHIN, SOA

ମୁଁ ଯେବେ ବି ଭାବୁଥିଲି
ମତେ ସବୁ ପୁରୁଷ
ଏକାପରି ଲାଗୁଥିଲେ
ସମସ୍ତଙ୍କ ସ୍ୱର
ଶୁଭୁଥିଲା ସମାନ
ମତେ ଯ୍ୟା ଆଗରୁ
କେଉଁ ପୁରୁଷର ହାତ କ'ଣ
ମୋ ନିଜ ହାତ ବି
ଛୁଇଁନଥିଲା ଯେମିତି
ଲାଗୁଥିଲା, ଏଇ ପୁରୁଷ ବି
କେଡ଼େ ନିରୀହ ଆଶା
କରୁଥାଏ ଆମଠୁଁ
ଆମକୁ ପାଇ
ମନ୍ତ୍ରମୁଗ୍ଧ ହେଲାପରି
ହଜେଇ ଦିଅନ୍ତି ଚେତନା
ଓ ପ୍ରଥମ ସାକ୍ଷାତରେ ଇ
ଏମିତି ଖଟା-ପଣକୁ
ଜନ୍ମ ଦିଅନ୍ତି ଯେ
ଜୀବନସାରା ଦୁହିଁଙ୍କ ମଝିରେ
ସେଇ ସ୍ୱାଦ ହିଁ ରହିଯାଏ ।

ଆଜି, ସବୁଦିନ ପାଇଁ
ତାଙ୍କର ହେଲାବେଳେ
ମୋ ସପକ୍ଷରେ
ଗୋଟିଏ କଥା ଯାଉଛି
ସେଇଟି ହେଲା
ଯେ ମନ ବ୍ୟତୀତ
ଆଉ କୋଉଠି କିଛି
ସେମିତି କିଛି ସଙ୍କେତ ନାହିଁ ।

Source: Author, Digitized by PPRACHIN, SOA

ଯଦି ମନ ବ୍ୟତୀତ
ଆଉ କୋଉଠି କିଛି
ସେମିତି ଚିହ୍ନ ରହିଯାନ୍ତା
ତା'ହେଲେ କେଜାଣି
ମୋ ପରି କେତେ ଝିଅ
ନିଜ ଦେହ ଉପରେ ଘୂରୁଥିବା
ସ୍ୱାମୀର ହାତ ଅଟକାଇ ଦେଇ
କହନ୍ତେ, ନା ତମେ ଯେମିତି ଗ୍ରହୁଁଛ
ମୁଁ ସେମିତି ନୁହେଁ ।

***

Source: Author, Digitized by PPRACHIN, SOA

ଘଡ଼ି

ଝିଅ ଭାରି ଯନ୍ତ୍ରରେ
ପଇସା ଜମାଏ
କାନରେ ଲଗାଇ ଝଣ୍ ଝଣ୍ କରେ
ଘଡ଼ି ବଜାଏ ।

ବାପା ଆଗରେ ଥୋଇଦିଏ ଘଡ଼ି
ତା' ପାପୁଲିରେ
ଟଙ୍କାଟିଏ ଥୋଇଦିଅନ୍ତି ବାପା
ଝିଅ ଘଡ଼ି ଲୁଚେଇ ଦିଏ
ମାଆ ହସୁଥାଏ ।

ଝିଅ ବଡ଼ ହୁଏ
ବାହା ହୋଇ ନିଜ ଘରକୁ ଗ୍ଲଲିଯାଏ
କୋଉଠି ଆସିପାରେ
ଆଉ ବାପଘରକୁ !
ଖାଲି ଯା,
ତା' ଚିଠି ଆସେ ।

ଯେତେବେଳେ
ତା' ଚିଠି ଆସେ
ଘରେ ଥିବା
ତା'ର ସ୍ମୃତିସବୁ
ଘଡ଼ିରେ ପଡ଼ିଥିବା
ଖୁଚୁରା ପଇସା ପରି
ଝଣ୍ ଝଣ୍ ବାଜିଉଠେ ।

***

Source: Author, Digitized by PPRACHIN, SOA

ତା'ର ଦିନ

ମୋ ହାତରେ
ଫଡ୍ ଫଡ୍ ହେଉଛି
ଉଡ଼ିବାକୁ ବ୍ୟଗ୍ର
ତା'ର ଦିନ ।

ମୋ କାନରେ ଘୁଷୁରୁଛି
ତା'ର ଶବ୍ଦ
ତା'ର ଇଚ୍ଛାସବୁ
ଭରିରହିଛି ମୋ ପକେଟ୍‌ରେ ।

ପାଚିଲା ଫସଲ ପରି
ତା'ର ଲହ ଲହ ଦେହ
ଯାହାକୁ ମୋ ପାଦତଳେ ଦଳିମକଚି
ମୁଁ ଏବେ ଏବେ ଫେରିଛି ।

ସିଏ ଯେ
ଦିନେ ମୋ ପଛେ ପଛେ
ଗୁଳିଆସିଥିଲା
ମୋ ବିସ୍ତାର ଭିତରୁ
ନିଜକୁ ଖୋଜୁଛି ।

***

Source: Author, Digitized by PPRACHIN, SOA

ମତେ ସତ୍ୟ ପରି ଲାଗେ ନାହିଁ - ଏଇ ସ୍ୱର

ସୂତାଖିଏ ବି ନାହିଁ
ମୋ ଦେହରେ
ଗୁଜୁରାଟର ସଡ଼କରେ
ଦଙ୍ଗାକାରୀଙ୍କ ପାଖରୁ ବଞ୍ଚିବାକୁ
ଦୌଡ଼ି ପଳାଉଥିବା ନାରୀଟିଏ ମୁଁ ।

କୋଳରୁ
ମୋ ଛୁଆକୁ ଛଡ଼େଇନେଇ
ପିଟିଦିଆଗଲା, ସଡ଼କ ଉପରେ
ପିଟିଦବାର ଅର୍ଥ
ଆପଣ ବୁଝୁଛନ୍ତି ନା ?
ଏକାସାଙ୍ଗରେ
କେତେ ନା କେତେ ହାତ
ନିର୍ମମ ଭାବରେ
ଦଳିମଛି ଦେଲେ ମୋର ସ୍ତନ
ସେତେବେଳେ ସେଥିରୁ ସ୍ରବୁଥିବା
କ୍ଷୀରଧାରାର ଆର୍ଦ୍ରତାକୁ ବି
ସେମାନେ ଅନୁଭବ କରିପାରିଲେ ନାହିଁ
ହାତରେ... ।

ମୋ ଯୌନାଙ୍ଗରେ
ଦଣ୍ଡଟିଏ ପୋତି
ସେଥିରେ ଉଡ଼େଇ ଦିଆଗଲା
ଗୋଟିଏ ପତାକା
ନିଜର ଭାଇ, ବାପା ଓ

Source: Author, Digitized by PPRACHIN, SOA

ମୁରବୀମାନଙ୍କ ସାମ୍ନାରେ
ମତେ ଏକଦମ୍ ଲଙ୍ଗଳା କରି
ରାସ୍ତାରେ. ଦଉଡ଼ାଇ ଦିଆଗଲା ।

ଯେଉଁମାନେ ମତେ
ପାଳିପୋଷି ବଡ଼ କରିଥିଲେ
ମତେ ନେଇ ସଜେଇଥିଲେ ସ୍ୱପ୍ନ
ଭାବୁଛି, ନିଜ ଆଗରେ
ମତେ ଲଙ୍ଗଳା ଦୌଡ଼ିବାର ଦେଖି
କେମିତି ଲାଗିଥିବ ସେମାନଙ୍କୁ
ଦଉଡ଼ିଲା ବେଳେ ବି
ମୋ ପିଠିରେ ଠେଙ୍ଗାର
ନିର୍ଘାତ ପ୍ରହାର ପଡୁଥିଲା ।

ପୁରୁଷମାନଙ୍କ ପରି
ମତେ ମୋ ନାଁ ପଚରାଯାଇନଥିଲା
ମୋ ଧର୍ମ ଜାଣିବାର ଚେଷ୍ଟା
କରାଯାଇନଥିଲା
କପଡ଼ା ଉତାରି
ଚିହ୍ନିବାର ଚେଷ୍ଟା କରାଯାଇନଥିଲା
ପୋଷାକ ପିନ୍ଧାର ଆଧାରରେ
ଦୂରରୁ ଇ ଚିହ୍ନା ପଡ଼ିଥିଲି ମୁଁ
ହେଲେ ମୋର ଭାଇ ଓ ବାପାମାନଙ୍କ ପରି
ଖଣ୍ଡାର ଗୋଟିଏ ଝଟ୍‌କାରେ ହିଁ
ଉଡ଼େଇ ଦିଆଯାଇନଥିଲା ମୋ ବେକ ।

ବରଂ
ମୋ ମୃତ୍ୟୁ ମାଗିବା ପୂର୍ବରୁ
ରକ୍ଷା କରିବା ପାଇଁ
ଯୋଡ଼ିହୋଇଥିବା ମୋ ହାତକୁ

Source: Author, Digitized by PPRACHIN, SOA

କୁକୁର ପରି ଗୃଟିଥିଲେ ସେମାନେ
ମୋ ଲୁହକୁ ଦଳିମକଚି ଦେଇଥିଲେ
ବୀର୍ଯ୍ୟତଳେ ।

କାହିଁ କେଉଁ ଦୂରରୁ
ସ୍ୱର ଶୁଭୁଛି ଯେ
ଦଙ୍ଗା ସରିଯାଇଛି ।

ମତେ ଲାଗୁନି ଯେ
ଏବେ ଦଙ୍ଗା ସରିଯାଇଛି ବୋଲି
ଏ ଦଙ୍ଗା,
କେବେ ସରିବ ବି ନାହିଁ
ମୋର ଓ ମୋ ଦେହ
ବିରୋଧରେ ଏ ଦଙ୍ଗା
ଜୀଇ ରହିଛି ଯୁଗଯୁଗରୁ
ଆଉ ଜୀଇ ରହିଛି
ଏ ଦଙ୍ଗାକାରୀଙ୍କଠାରୁ
ଜୀବନ ବଞ୍ଚାଇ ମୋର ପଳାୟନ ।
ଯେମିତି ଏବେ ମୁଁ ଦୌଡୁଛି
ଗୁଜୁରାଟର ସଡ଼କ ଉପରେ... ।

***

Source: Author, Digitized by PPRACHIN, SOA

ତା'ର ଦୁଃଖ

ସେ ଆଜି ଉଦାସ ଅଛି
ଆଜି ଡେରିଯାଏଁ
ସେ ନିଜକୁ ଦେଖିବ
ଆଇନାରେ ।

ନିଜ ଚମକୁ
ଛୁଇଁ ଛୁଇଁ ସେ ଦେଖିବ
ଆଙ୍ଗୁଳିରେ ବୟସ ଗଣିବ
ଚମକିବ, ପ୍ରତିଟି ଶବ୍ଦରେ ।

ତା'ର ଦୁଃଖ ଆଜି
ତାକୁ ଖୁବ୍ କଷ୍ଟ ଦେବ ।

***

Source: Author, Digitized by PPRACHIN, SOA

ତା' କଥା ଶୁଣିବାକୁ ପଡ଼େ

ମାସରେ, ଦି'ତିନିଥର
ତାକୁ ଆକଟ କରିବାକୁ ହୁଏ
ଟିକେ ନିଘା ନ କଲେ
ସେ ତରବରିଆ ଖାଲି
ହାତ ମାରିଦେଇ ସାରିଦେବ
ଓ ଆଗ ଘର ଭିତରକୁ
ପଶିଯିବ ।

ଧ୍ୟାନ ଦେବାକୁ ହେବ ତ
ତା' ପାଖରେ ବସିବାକୁ ପଡ଼ିବ
ତା' ପାଖରେ ବସିଲେ
ତା' କଥା ଶୁଣିବାକୁ ପଡ଼ିବ ।

ଯେମିତି ସେ କହେ
ମୁଁ ଯୋଉ ଗଳିରେ
ରହୁଛି ନା
ସେଥିରେ ପଶିଲାମାତ୍ରେ
ମୋଡ଼ ଉପରେ ଗୋଟେ ଘର ଅଛି
ଯୋଉଠି ଜୁଆଖେଳ ଚାଲେ
କେତେରକମର ଲୋକ
ଯା ଆସ କରନ୍ତି
କେହି କିଛି କରନ୍ତିନି
ଆଉ କଥା ଛାଡ଼
ସେଠିକି ପ୍ରତି ଦି'ତିନି ଦିନରେ
ଗୋଟେ ପୋଲିସ୍‌ବାଲା ଆସେ

Source: Author, Digitized by PPRACHIN, SOA

ଆଉ ଟଙ୍କା ନେଇଯାଏ
ମୁଁ ତା' ମଟର ସାଇକେଲ୍‌କୁ
ଭଲକରି ଚିହ୍ନିରଖିଛି ।

ସେ କହେ
ଆଚ୍ଛା, ତମେ କହ ତ
ସେଇ ଯେଉଁ ମାଷ୍ଟରବାବୁ
ସେଇ ମ ଯାହାଙ୍କ ସ୍କୁଲରେ
କୋଳିଗଛ ଅଛି
ତାଙ୍କର ଦି'ଜଣ ବଡ଼ ବଡ଼ ପୁଅ
ଆଉ ବାହାଯୋଗ୍ୟା
ବଢ଼ିଲା ଝିଅଟିଏ ଅଛି
ସେ କାଲି
ଭାଟିରୁ ମଦନିଶାରେ
ଚୁର୍ ହୋଇ ବାହାରୁଥିଲେ
ଦୁନିଆଟା କ'ଣ ହେଇଗଲା !
ମୁଁ ସେ ଭାଟି ସାମ୍ନାର
ଘରକୁ ବି ଯାଏ ତ...
ଏବେ ତମେ କହିଲ ଦେଖି
ଏମିତିକା ମାଷ୍ଟର
ପିଲାଙ୍କୁ କି ପାଠ ପଢ଼େଇବ ?

ଦିନେ ସେ କହିଲା
ଯେ କାଲି ଆମ ଘର ଆଗରେ
କେଜାଣି କୋଉଠୁ ଆସି
ଗାଈଟିଏ ମରିଗଲା
ବିଗୁରୀ ଦିନସାରା
ଛଟପଟ ହେଲା, ହମ୍ବାଳିଲା
ତା' ପେଟ ଫୁଲିଯାଇଥିଲା
ପଶୁଡାକ୍ତର କହିଲା

Source: Author, Digitized by PPRACHIN, SOA

ତା' ପେଟରେ ପଲିଥିନ୍ ଭରିଯାଇଛି
ସେ ଗାଈକୁ ବଞ୍ଚେଇବାକୁ
ମୁଁ ଦିନସାରା
ବେକରେ ଗେରୁଆ ଗାମୁଛା
ପକେଇଥିବା ସେ ବସ୍ତିନେତାକୁ ଖୋଜିଲି
ସେ ମିଳିଲା ନାଇଁ
ପୁଣି ମତେ ଇ
ପଶୁଡାକ୍ତରଖାନା ଦୌଡ଼ିବାକୁ ହେଲା
କେତେଥର ତ ସେ
ବଡ଼ ବିଚିତ୍ରକଥା ସବୁ କହେ
ଯେମିତି ସେଦିନ ସେ କହିଲା
ସେଇ ଯେ
ଆମ କିଶନପଡ଼ାର
ତହସିଲ୍‌ଦାର ନୁହେଁ କି
ଯାହାର ବଡ଼ ହଳଦିଆ
କୋଠାଟେ ଅଛି
ତା'ର ଖୁବ୍ ପଇସା ହେଇଗଲାଣି
ଯେମିତି କୋଉ ଲଟେରୀ ଲାଗିଯାଇଛି
କି କୋଉ ପୋତାଧନ ମିଳିଯାଇଛି ।

ମଝିରେ ମୁଁ ତାଙ୍କ ଘରକୁ
ଯିବା ବନ୍ଦ କରିଦେଇଥିଲି
ଏବେ ପୁଣି ଯାଉଛି
ଏଇ ତିନି ଚ୍ୟାରି ବର୍ଷରେ ତ
ପୁରା ଦୁନିଆଁ ବଦଳି ଯାଇଛି
ତାଙ୍କର ଏବେ କି ଥାଟ ଦେଖିବ !
ତାଙ୍କୁ କେତେ ଦରମା ମିଳେ କେଜାଣି
ସରକାରୀ ଚ୍ୟାକିରୀରେ କ'ଣ
ଏତେ ଟଙ୍କା ମିଳେ ?
ତାଙ୍କ ଘରକୁ ନିଇତି

Source: Author, Digitized by PPRACHIN, SOA

କେତେ ଯେ ଫଳମୂଳ ଆସେ
ଦିନ ସାରା ପିଲାଏ
ଟି.ଭି. ଦେଖୁଥାନ୍ତି
ଆଉ ତବାରୁ କାଢ଼ି
କ'ଣ କ'ଣ ସବୁ ଖାଉଥାନ୍ତି ।

ଆଉ ଦିନେ
ସେ ମତେ ଦୁଃଖୀ ହୋଇ କହିଲା
ଯଦି କିଛି କରିପାରିବ ତ
କର ନା... ।
ଯୋଉ ଗଳିରେ ମୁଁ ଅଛି
ସେଠିକି ଯିବାକୁ
ନାଳ ଉପରେ ପଡ଼ିଥିବା ପଥରଟି
ଭାଙ୍ଗିଯାଇଛି
ସେଠ୍‌ଜୀଙ୍କର ଜିନିଷ ଲଦା ହୋଇଥିବା
ଟ୍ରକ୍ ତାକୁ ଭାଙ୍ଗିଦେଲା
ଲୋକଙ୍କର ତ କିଛି
ଯାଏଆସେ ନାହିଁ
ସମସ୍ତେ ବାଟଭାଙ୍ଗି ଯାଉଛନ୍ତି
ଆମକୁ ବଡ଼ ଅସୁବିଧା ହେଉଛି
କେତେଥର ନାଳ ଭିତରକୁ
ଗୋଡ଼ ଖସିଯାଉଛି
ଆଉ ରାତି ଅଂଧାରରେ ତ
ଖୁବ୍ ହଇରାଣ ହଉଛୁ
ନଗର ନିଗମର ଦାରୋଗା
ତାକୁ ବଦଳଉ ନାଇଁ
କହୁଛି, ତମେ ସବୁ ଭାଙ୍ଗିଛ
ପୂରା ବସ୍ତିରୁ, ପଇସା ଆଦାୟ କରି ଆଣ
ତା'ପରେ ବଦଳେଇବି
ତା' ଗୋଦାମ ଘରେ

Source: Author, Digitized by PPRACHIN, SOA

ବହୁତ୍ ପଥର ଅଛି
ଓ ଏଇ କାମଟି ତ ପୁଣି
ନଗର ନିଗମର କି ନୁହେଁ ?

ଶୁଣିବାକୁ ହୁଏ ତ
ତା' ପାଖରେ ବସିବାକୁ ହୁଏ
ଆଉ ଟିକେ ନଜର
ନ ଦେଇଥିବ ତ
କେବେ କମିଜ୍‌ର କଲରରେ
ମଇଳା ରହିଯାଇଥିବ
କେତେବେଳେ ପ୍ୟାଣ୍ଟର ଅଣ୍ଟା
ଠିକ୍ ସଫା ହେଇନଥିବ
ଆଉ କେତେବେଳେ ଧଳା ଗଂଜିଟି
କଚା ହେଲାପରେ ବି
ମାଟିଆ ଦିଶୁଥିବ ।

***

Source: Author, Digitized by PPRACHIN, SOA

ବୁର୍ଖା

ତମେ ବାରମ୍ବାର କହିଛ
ହେଲେ ମୋର ଟିକେ ବି
ବିଶ୍ୱାସ ହେଉନାହିଁ ଯେ
ୟାଂକୁ ମୋ ପାଇଁ
ନିଜେ ଈଶ୍ୱର ତିଆରି କରିଛନ୍ତି ।

ତମ ହୁକୁମ୍‌ରେ
ମୁଁ ଯେତେବେଳେ ୟାଂକୁ ପିଂଧେ
ମୋର ସଙ୍କୁଚିତ ଦେହ
ଏହାକୁ କେବେ ବି ସ୍ୱୀକାର କରେନାହିଁ ।

ବାରମ୍ବାର ଚିତ୍କାର କରି କହେ
ନା, ଈଶ୍ୱର ନୁହେଁ
ୟାଂକୁ ତୁମେ ତିଆରି କରିଛ
ମୋର ଈଶ୍ୱର ବୋଲାଇବାର ଲୋଭରେ
ତୁମେ ହିଁ ୟାଂକୁ ମତେ ପିନ୍ଧେଇଛ ।

***

Source: Author, Digitized by PPRACHIN, SOA

ଯଦି ତାକୁ କହିବାକୁ ପଡ଼େ

ଆଜିକାଲି...
ମୁଁ ତା'ର ନୂଆ ପ୍ରେମିକ
ମୋର ନୂଆ ପ୍ରେମିକ କହିବାର
ମାନେ ନୁହେଁ ଯେ
ସେ ସତକୁ ସତ
ଗୋଟିଏ ସତୀ ଝିଅ
ଆଉ ଯେତିକି ସତୀ
ସେତିକି ସତ୍ୟ
ତା'ର ମୋ ପାଇଁ ପ୍ରେମ ।

ଏବେ ଏବେ
ତା' ଭିତରେ ଖେଳୁଥିବା ବେଳେ
ଦିନେ ମୁଁ ଜାଣିବାକୁ ଚାହିଁଲି
ଯେ ତମେ କ'ଣ ମୋ ଆଗରୁ
ଆଉ କାହାକୁ ପ୍ରେମ କରିଛ ?

ସେ ଡେରିଯାଏ, ମଥାପୋତି
ମୋ ଆଗରେ ବସିରହିଲା
ଓ କହିଲା, ଜୀବନରେ
ମୁଁ ବହୁତ୍ ଭୁଲ୍ କରିଛି ।

ଆଉଦିନେ, ମୁଁ ତାକୁ ପଚାରିଲି
ଆଚ୍ଛା, ତମର ପ୍ରଥମ ପ୍ରେମିକର
ନାଁ କ'ଣ ?

Source: Author, Digitized by PPRACHIN, SOA

ପୁଣିଥରେ ତା' ଚେହେରା
ଯୋଉଠିକି ସେଇଠି ରହିଗଲା
କିଛି ସମୟ ପରେ ସେ କହିଲା
ଜାଣି କ'ଣ କରିବ
ମୁଁ ଜାଣିଶୁଣି ମାଛି ଗିଳିଥିଲି
ହୁଏତ ମୁଁ, ଧୋକା ଖାଇବା ପାଇଁ ହିଁ
ପ୍ରେମ କରିଥିଲି
ଓ ଧୋକାର କିଛି ନାଁ ନାହିଁ ।
ପ୍ରେମ, ମୂର୍ଖତା ଛଡ଼ା
ଆଉ କିଛି ହିଁ ନୁହେଁ ।

ଆଚ୍ଛା,
ମୁଁ କହିଲି, ତା'ହେଲେ
ତମକୁ କ'ଣ ଲାଗୁନି ଯେ
ତମେ ପୁଣି ତାରି
ପୁନରାବୃତ୍ତି କରୁଛ ।
ଆଚ୍ଛା ଗୋଟିଏ କଥା କୁହ ତ
ତମେ ତମ ପ୍ରେମିକ ସହିତ
କେତେବାଟ ଯାଇଛ ?
ସହବାସ କରିଛ ?

ସେ ମତେ ଗୁହିଁରହିଲା
ଅନେକ ବେଳଯାଏଁ
ଆଉ ସେ ମତେ
ଯେତେବେଳ ଯାଏଁ ଗୁହିଁରହିଲା
ସେତେବେଳ ଯାଏଁ
ମୁଁ ଭିତରେ ଭିତରେ
ସଙ୍କୁଚିତ ହୋଇଯାଉଥିଲି ।

Source: Author, Digitized by PPRACHIN, SOA

ମୁଁ ତାକୁ ଦମ୍ଭ ଦବାକୁ କହିଲି
ଯଦି ନ କହିବାକୁ ଚାହୁଁ ତ
ନ କୁହ...
ମୁଁ ତ କେବଳ ଜାଣିବାକୁ ଚାହେଁ
କ'ଣ ଜାଣିବାକୁ ଚାହେଁ
ମୁଁ ନିଜେ ବି ଜାଣେନା
ହେଲେ ମୁଁ ଜାଣିବାକୁ ଚାହେଁ ଯେ
ଯୋଉ ଝିଅ ମତେ
ଠିକ୍‌ଭାବରେ ଚୁମାଟିଏ ବି ଦିଏନା
ସେ ପ୍ରେମରେ
କେତୋଟି ସୋପାନ ଓହ୍ଲେଇଛି ?
ମୁହଁ ତଳକୁ ପୋତି
ସେ ପୁଣି ଦୋହରାଇଲା
ତମକୁ ତ କହିଛି
ମୁଁ ଅନେକ ଭୁଲ୍ କରିଛି ବୋଲି !

ଆଜିକାଲି ସେ ମତେ
ସେତିକି ପ୍ରେମ କରୁଛି
ଯେତିକି ସେ କେବେ
ନିଜର ପ୍ରଥମ ପ୍ରେମିକକୁ କରୁଥିଲା
ସେ ଆସେ
ଓ ମୋ ବାହୁର ଡୋରିରେ
ଗୁଡ଼ିଟିଏ ପରି ବାଂଧିହେଇଯାଏ
ଓ ପବନରେ ଉଡ଼େ ।

ଗୋଟିଏ ଖୁଣ୍ଟପରି
ମୋ ଭିତରେ ପୋତିହେଇଯାଏ
ଆଉ ବହୁତ ଡେରିଯାଏଁ
ଉପୁଡ଼ିବାର ନାଁ ଧରେ ନାହିଁ ।

Source: Author, Digitized by PPRACHIN, SOA

ମତେ ପ୍ରେମ କରିବା ଆଗରୁ
ସେ ଅନ୍ୟ କାହାକୁ
ପ୍ରେମ କରୁଥିଲା
ଓ ସଂସର୍ଗ ବି
ଏ କଥା ଜାଣିବା ସତ୍ତ୍ୱେ
ମୁଁ ତା' ଭିତରେ
ଯେଉଁ କୋଠରୀଟି ତା'ର ଏକାନ୍ତ ବ୍ୟକ୍ତିଗତ
ତା'ର ଆମନ୍ତ୍ରଣର ଉଦାରତାକୁ ଉଠାଇ
ସେଥିରେ ପ୍ରବେଶ କରିବାକୁ ଚାହେଁ ।

ପୁରୁଷ ହେବା
ଓ ମନର ତମାମ୍ ଆକାଙ୍‌କ୍ଷା,
ଆକ୍ରମକତା ରଖିବା ପରେ ବି
ମୁଁ ତା'ର ଇଚ୍ଛାର ତୀରରେ
ମରିବାକୁ ଚାହେଁ ।

ଅସଲରେ
ପ୍ରେମକୁ ଭୁଲ୍ କହି
ତା'ର ପୁନରାବୃତ୍ତି କରିବାବାଲୀ
ଏଇ ଝିଅର ଅନ୍ତଃସରେ
ନିଜେ ନିଜେ ନୁହେଁ
ତା'ର ଆମନ୍ତ୍ରଣରେ
ମୁଁ ପାଦ ରଖିବାକୁ ଚାହେଁ ।

ମୁଁ ଚାହେଁ
ଏଥର ଯଦି ତାକୁ କହିବାକୁ ପଡ଼େ
ତା'ହେଲେ ସେ କହୁ
ଯେ ଏବେ ଆଉ ଭୁଲ୍ ନୁହେଁ
ସେ ପ୍ରେମ ହିଁ କରିଛି ।

***

Source: Author, Digitized by PPRACHIN, SOA

ହେଲେ ସେ କଥା କୁହ ତ

ଘରେ ଟେଲିଫୋନ୍ ରିଂ ହୁଏ
ରୋଷେଇ ଛାଡ଼ି ସେ ଆସି
ଟେଲିଫୋନ୍ ଉଠାଏ
ପଚ୍ଚାରେ, ଆପଣ କିଏ କହୁଛନ୍ତି
ସେ ପଟର କଥା ଶୁଣି
ସେ ରାଗିଯାଇ କହେ
ଏମିତି କଥା କହିବାକୁ
ଆପଣଙ୍କୁ ଲଜ୍ଜା ଲାଗୁନି
ଓ ଟେଲିଫୋନ୍ ରଖିଦିଏ ।

ଟେଲିଫୋନ୍ ପୁଣି ବାଜେ
ଓ ସେ ପୁଣି ଫୋନ୍ ଉଠାଏ
ସେ ପଟର କଥା ଶୁଣି
କ୍ରୋଧରେ ଉଛୁଳି ପଡ଼େ
ଚିତ୍କାର କରେ
ତୋ ଘରେ କ'ଣ
ମା-ଭଉଣୀ ନାହାଁନ୍ତି
ଅଭଦ୍ର କୋଉଠିକାର
ଓ ଟେଲିଫୋନ୍ ରଖିଦିଏ ।

କିଛି ସମୟ ପରେ
ଟେଲିଫୋନ୍ ପୁଣି ବାଜେ
ସେ କିଛି ସମୟ
ଛିଡ଼ାହୋଇ ଭାବେ
ଓ ଟେଲିଫୋନ୍ ଉଠାଏ

Source: Author, Digitized by PPRACHIN, SOA

ସେ ପଟୁ ସେହି ସ୍ୱର ଓ
କଥାଶୁଣି ସେ ଚିତ୍କାର କରି ପଚାରେ
ଟିକେ ତୋ ନାଁଟା କହିଲୁ
ଓ ଟେଲିଫୋନ୍ କଚାଡ଼ି ଦିଏ ।

କେତେବେଳ ପରେ
ପୁଣି ଟେଲିଫୋନ୍ ବାଜେ
ଏଥର ସେ
ଫୋନ୍ ଉଠାଏ ନାହିଁ
ଟେଲିଫୋନ୍ ଲଗାତାର ବାଜୁଥାଏ
ସେ ଟେଲିଫୋନ୍ ଉଠାଏ ହିଁ ନାହିଁ ।

ଅଫିସ୍‌ରୁ ଫେରି ଜୋତା ଖୋଲୁ ଖୋଲୁ
ସ୍ୱାମୀ ପଚାରନ୍ତି
ଆଜି ମେମ୍‌ସାବ୍ ଘରେ ନଥିଲେ ନା କ'ଣ ?
ମୋ ଆଙ୍ଗୁଠିମାନେ ତ
ରୀତିମତ୍ ଫୋନ୍ ସହିତ
ଯୁଦ୍ଧ କରୁଥିଲେ
ଫୋନ୍ ବାଜି ଚାଲିଥିଲା
କେହି ଉଠାଇଲେ ନାହିଁ ।

ସେ ସ୍ୱାମୀଙ୍କ ଆଗରେ
ଗୃହା ଓ ଘଟଣା
ଏକାସାଙ୍ଗରେ ରଖେ ।
କିଏ ହେଇପାରେ ?
ହାତରୁ ଖସି
ଚାରେ ବୁଡ଼ିଯାଉଥିବା ବିସ୍କୁଟ୍ ପରି
ସ୍ୱାମୀ ବୁଡ଼ିଯାନ୍ତି ଚିନ୍ତାରେ ।

Source: Author, Digitized by PPRACHIN, SOA

ରାତିରେ, ବିଛଣାରେ
ସ୍ତ୍ରୀର ମଥାଟି କୋଳରେ ଧରି
ଗହଳ କେଶରେ
ଅଙ୍ଗୁଳି ଗୁଳନା କରୁ କରୁ
ସ୍ୱାମୀ କହନ୍ତି, ଏମିତି ହୁଏ
କିଛି ଲୋକ ଏମିତି ଅଛନ୍ତି
ଯେଉଁମାନଙ୍କୁ
ଏ ସବୁ କରିବାକୁ ମଜା ଲାଗେ ।

ଆଉ ତ ସବୁ ଠିକ୍‌ଠାକ୍ ଅଛି
ଆଚ୍ଛା ହେଲା ଏବେ
ସାରାଦିନ ତମେ ବ୍ୟସ୍ତ-ବିବ୍ରତ ଥିଲ

ହେଲେ ସେ କଥା ତ କୁହ
ସେ ଲୋକଟା
ଟେଲିଫୋନ୍‌ରେ ତମକୁ
କ'ଣ ସବୁ କହୁଥିଲା ?

Source: Author, Digitized by PPRACHIN, SOA

ସ୍ତନ

ଇଚ୍ଛା ହେଲେ
ସେ ତା' ଭିତରେ
ମୁଣ୍ଡ ଗୁଂଜିଦିଏ
ଆଉ ମନ ଦୁଃଖ ହେଲେ
ସେ ସେଥିରେ ମୁହଁ ଲୁଚେଇଦିଏ
ଓ ତାକୁ ନିଜ ଲୁହରେ
ଜୁଡୁବୁଡୁ କରିଦିଏ ।

ସେ ତାକୁ କହେ
ତମେ ଏମିତି
ମୋ ସାମନାରେ ବସିରୁହ
ମୁଁ ଏହାକୁ
ମନଭରି ଦେଖିବାକୁ ଚାହେଁ
ଓ ସେ ଉଠି ଚାଲି ନ ଯିବା ଯାଏଁ
ନ ହେଲେ ଲାଜରେ
ହାତ ଢାଙ୍କି ନ ଦେଲାଯାଏଁ
ତାକୁ ଚାହିଁ ରହିଥାଏ ।

ଅନ୍ତରଙ୍ଗ ବେଳେ
ସେ, ସେ ଦୁଇଟିକୁ
ହାତରେ ଧରି ତାକୁ କହେ
ଏ ଦୁଇଟି ତମ ପାଖରେ
ମୋର ଅମାନତ
ମୋର ସବୁତକ ଖୁସି
ଯ୍ୟା'କୁ ସାଇତି ରଖିଥିବ ।

Source: Author, Digitized by PPRACHIN, SOA

ସେ ଦୁଇଟିକୁ
ସେ କେବେ ମହୁଫେଣା
ତ କେବେ ଦୋସରି ଆମ୍ବର
ଜୋଡ଼ି ସହିତ ତୁଳନା କରେ
ଏ ବିଷୟରେ
ତା' କଥା ଶୁଣି ଶୁଣି
ପାଗଳ ହୋଇ
ସେ ଯେବେ ବି ଆଇନା ଆଗରେ
ସେ ଦୁଇଟିକୁ ଅପଲକ ଦେଖେ
ତ ଝୁମିଉଠେ
ସେ କେତେଥର ଭାବିଛି ଯେ
ଏ ଦୁଇଟିକୁ ଏକାଥରକେ
ତା' ତୁଣ୍ଡରେ ଭରିଦିଅନ୍ତା
ଓ ଆଖି ବୁଜିଦିଅନ୍ତା ।

ସେ ଯେତେବଳେ ବି
ଘରୁ ପଦାକୁ ବାହାରେ
ସେତେବେଳେ, ସେ ଦୁଇଟି ଉପରେ
ଟିକେ ଆଖି ବୁଲେଇ ନିଏ
ଏମିତି କଲାବେଳେ
ତା'ର କଲେଜ ପଢ଼ାବେଳର
ବିହାରୀ କଥା ମନେପଡ଼େ ।

ସେତେବେଳେ ଏ ଦୁଇଟିକୁ ନେଇ
ଶୁଣିଥିବା କଥାର ନିଶା
ଦ୍ୱିଗୁଣିତ ହୁଏ
କେତେଥର ସମସ୍ତଙ୍କ ମଝିରେ
ସେ ତାକୁ
କଣେଇ ଗୃହିଁବାର ଦେଖିଦେଇଛି
ସେ ଦୁଷ୍ଟାମୀରେ ପଗ୍ଭରିଛି ବି

Source: Author, Digitized by PPRACHIN, SOA

ସବୁ ଠିକ୍ ଅଛି ତ
ସେ କହିଛି – ହଁ ଗୋ ହଁ
ଘରେ ପହଞ୍ଚି ଦେଖିନେବ ।

ହେଲେ ରୋଗ
ଏମିତି ଚରିଗଲା ତା' ଭିତରେ
ଯେ ସେଥିରୁ ଗୋଟିକୁ ନେଇ
ଦେହରୁ ଗଲା
ଚିକିତ୍ସା ଉଦାସ ହୋଇ ବୁଝାଇଲା
ଆଉ କିଛି ଅନ୍ୟ ଉପାୟ ନାହିଁ ।

ଏବେ ସେ
ବଳିପଡ଼ିଥିବା ଗୋଟିକ ବିଷୟରେ
କିଛି କହେନା
ସେ ତା' ଆଡ଼କୁ ଅନାଏ
ଆଉ ମନମାରି ରହିଯାଏ
ହେଲେ ତାକୁ ସବୁବେଳେ
ଲାଗେ ଯେ, ତା' ଦେହରେ
ଘୂରିବୁଲୁଥିବା ତା'ର ହାତ
କ'ଣ ଖୋଜୁଛି
ସିଏ ତ ଏବେ
ତା' ମନଠୁଁ ବି ବେଶୀ
ମନ ମାରି ଦେଇଛି ।

ସେଇ ହରେଇଦବା ବିଷୟରେ
ଦୁହେଁ ଦୁହିଁଙ୍କୁ
କିଛି କହନ୍ତି ନାହିଁ ।

କିନ୍ତୁ ତା'ର ଅସହାୟତା ଜାଣେ
ଯେ ତା' ଦେହରୁ

Source: Author, Digitized by PPRACHIN, SOA

ସେଇ ଗୋଟିଏ ହଜି ଯିବାରେ
କେତେ କ'ଣ ହଜିଯାଇଛି
ଦୁହିଁଙ୍କ ଭିତରୁ ।

***

(ସଙ୍ଗୀତା ରଂଜନଙ୍କ ପାଇଁ, ଯାହାଙ୍କ ଛାତିରେ କ୍ୟାନ୍ସର ଯୋଗୁଁ ତାଙ୍କୁ ନିଜର ଗୋଟିଏ ସ୍ତନ ହରାଇବାକୁ ପଡ଼ିଛି)

Source: Author, Digitized by PPRACHIN, SOA

ସଂଖ୍ୟା

ଘରର ବୈଠକଖାନାରେ
ମୋ ସହିତ ଯା'ର ଫଟୋ ସଜା ହୋଇଛି
ତା' ଉପରେ ହାତ ଉଠାଇବାକୁ
ମୋର ଆଜିଯାଏଁ ସାହସ ହୋଇନାହିଁ ।

ହେଲେ ଯିଏ ମୋରି ପରି
ଜନ୍ମ ନେଇଛି ଗୋଟିଏ ଗର୍ଭରୁ
ତା' ପିଠିରେ ସେଠାରେ
ପ୍ରତିଦିନ ନୀଳ ଦାଗ ପଡ଼େ ଓ ଲିଭେ ।
ଦୁନିଆଁର ସେଇ ଗୁରିକୋଟି
ସ୍ତ୍ରୀ ଲୋକଙ୍କ ସହିତ ସେ ସାମିଲ୍
ଯେଉଁମାନଙ୍କୁ ପ୍ରତିଦିନ
ଘରେ ମାଡ଼ ମରା ହୁଏ ।

ଗୁରିକୋଟି ସ୍ତ୍ରୀ ଲୋକଙ୍କ ଭିତରେ
ତା'ର କ୍ରମିକ ସଂଖ୍ୟା କ'ଣ ହେବ
ପ୍ରଥମ, ଦଶମ, ଶହେ, ହଜାରେ
ନା ଗୁରିକୋଟି ?
ନା ପୁଣି କେଉଁ ମଝି ସଂଖ୍ୟା
ହୁଏତ ଏ ଅନୁମାନ
ଭୁଲ୍ ବି ହେଇପାରେ
ସଂଖ୍ୟା ୟା'ଠୁଁ ବେଶୀ ହୁଏତ
ତା'ର କ୍ରମାଙ୍କ
ଗୁରିକୋଟି ମହିଳାଙ୍କଠୁଁ ବି ଅଧିକ
ନ ହେଲେ ବା

Source: Author, Digitized by PPRACHIN, SOA

ସବୁକିଛି ଗଡ଼ବଡ଼
ସେଥିରେ କେହି ପ୍ରଥମ
କେହି ଶେଷ ନୁହେଁ
ସବୁ ଖାଲି ଗୋଟିଏ ସଂଖ୍ୟା
ଗୃରିକୋଟି... ।

କେଉଁଦିନ
ଏଇ ପୃଥିବୀର କେଉଁ ଏକ ଭାଗରେ
ଏଇ ଗୃରିକୋଟି
ଏକାଠି ହେବେ
ଆଉ ତାଙ୍କ ସହିତ
ଯେଉଁମାନେ ବାଦ୍ ପଡ଼ିଗଲେ
ସେମାନେ ବି
ଆଉ ସେମାନେ
ସେଠି ଏକାସାଙ୍ଗରେ
ଆରମ୍ଭ କରିଦେବେ ବିଳାପ
ଓ କହିବେ
ଏହାହିଁ ଆମର
ସବିନୟ ଅବଜ୍ଞା ଆନ୍ଦୋଳନ
ଏହା ହିଁ ଆମର
ବିରୋଧ ଶୋଭାଯାତ୍ରା ।
ଆଉ ସ୍ଲୋଗାନ୍ ଯେ
ଦୁଷ୍ଟମାନେ, ଦୁଷ୍ଟତା ଛାଡ଼ିଦିଅ ।

ଭୟ ହୁଏ
ଯାହାକୁ ମୁଁ ଘରୁ ବିଦା କରିଛି
କେତେବେଳେ ସିଏ ଯେ
ଏଇ ଗୃରିକୋଟି ଭିତରୁ
ବାହାରିଯାଇ, ସାରା ଦୁନିଆଁର
ସେଇ ପାଞ୍ଚକୋଟି ମହିଳାଙ୍କ ସହିତ

Source: Author, Digitized by PPRACHIN, SOA

ସାମିଲ ହୋଇଯିବ
ଯେଉଁମାନେ ନିଖୋଜ ଅଛନ୍ତି ।
ଶେଷକୁ ସେମାନେ
ଏଇଦଳରୁ ବାହାରିଯାଇ
ସେଇ ଦଳରେ ମିଶିଥିବେ ତ !

ଗୁରିକୋଟି ମାଡ଼ ଖାଉଥିବା ସ୍ତ୍ରୀଲୋକ
ପାଞ୍ଚକୋଟି ନିଖୋଜ ସ୍ତ୍ରୀ ଲୋକ
ନ କୋଟିର ଏଇ ସଂଖ୍ୟା
କିଛି ଛୋଟ ସଂଖ୍ୟା ନୁହେଁ
ଆପଣ ୟା'କୁ
ନିଜ ଆଗରେ ରଖି
ଦେଖନ୍ତୁ ତ ।

***

Source: Author, Digitized by PPRACHIN, SOA

କଟି

ସେ ଦୁହିଁଙ୍କ ଭିତରେ
ଏମିତି ସେମିତି କିଛି ବି ନାହିଁ
ସେ ଦୁହେଁ ପରସ୍ପରର
ଭଲ ବନ୍ଧୁ... ବାସ୍ ।

ପରସ୍ପର ପାଇଁ ମିଳୁଥିବା ସମୟର
ଛୋଟ ବଡ଼ ଟୁକୁରାକୁ
ନିଜ ଭିତରେ ଭାଗ କରିନିଅନ୍ତି
ସେ ଦୁହେଁ, ଅଫିସ୍‌ରେ କାମ କରନ୍ତି
ହେଲେ ଏବେ
ସେ ଦୁହିଁଙ୍କ ଭିତରେ କଟି ପଡ଼ିଛି ।

ସେ ଆସେ
ୟା' ତା' ଆଡ଼କୁ ନ ଅନେଇ
ନିଜ ସିଟ୍‌ରେ ବସିଯାଏ
ସେ ବି ନିଜଆଡୁ
କିଛି କଥା କହେନା
ଆଉ ସାମ୍‌ନାସାମ୍‌ନି ହେଇଗଲେ
ସେମାନେ ପରସ୍ପରକୁ ମୁହଁ ଫୁଲେଇ
ଅନେଇ ରହନ୍ତି ।

ଆଗରୁ ଏମିତି
କେତେଥର ହେଇଛି
ଆଗରୁ ବି ସେମାନେ କେତେଥର
ଟିକେ କଥାରେ ପରସ୍ପରର

Source: Author, Digitized by PPRACHIN, SOA

ଅପରିଚିତ ପରି
ବ୍ୟବହାର ଦେଖାଇଛନ୍ତି
ଆଗରୁ ବି ସେମାନଙ୍କ ଭିତରେ
ପଡ଼ିଥିବା କଟି
ପୁଣି ଭାଙ୍ଗିଯାଇଛି ।

ସେମାନଙ୍କ ବନ୍ଧୁତ୍ୱର ଇତିହାସରେ
ସବୁଠୁଁ ଲମ୍ବା ସମୟଯାଏଁ
ଗୁଳିଥିବା କଟିକୁ
ମାତ୍ର ଦିନକର ଢର
ନିଢେ ଛାଡ଼ିବା ଆଗରୁ
ଭାଙ୍ଗିଦେଇଥିଲା ।

ଦେଖିବାର ଅଛି
ସେମାନଙ୍କ ଭିତରେ
ଏଥରର କଟି
ନିଢର ଇ କୀର୍ତ୍ତିମାନ୍ ଭାଙ୍ଗୁଛି
ନା ତା' ଆଗରୁ
ଆଉକିଛି କାରଣ
ମଝିରେ ପଡ଼ି ତାକୁ ଭାଙ୍ଗୁଛି ।

***

Source: Author, Digitized by PPRACHIN, SOA

ଆଲ୍‌ବମ୍

ସେଇ ଏକାକୀ ନିର୍ଜନ ସ୍ତ୍ରୀ ଲୋକଟି ପାଖରେ
ଯାହାକୁ ଆମେ ବୁଢ଼ୀମା କହୁ
ଗୋଟିଏ ଆଲ୍‌ବମ୍ ଅଛି ।

ତା' ଘରପରି ପୁରୁଣା ମଇଳା
ଆଉ ଲଗାତାର୍ ଫାଟିଯାଉଥିବା
ଆଲ୍‌ବମ୍,
ଯାହାକୁ ସେ ସହଜରେ
କାହାକୁ ଦେଖାଏ ନାହିଁ
ସିନ୍ଦୁକରେ ସାଇତି ଥାଏ ।

ହେଲେ ଯେତେବେଳେ ବି
ସେ ଆଲ୍‌ବମ୍ ଖୋଲେ
ସେଇ ନିର୍ଜନ ସ୍ତ୍ରୀ ଲୋକଟି ଖୋଲିଯାଏ
ଖୋଲିଯାଏ, ତା'ର ଭୟାବହ ଶୂନ୍ୟତା
ସେଇ ସ୍ତ୍ରୀ ଲୋକର ହୃଦୟ
ଛାତିରେ ନୁହେଁ
ସିନ୍ଦୁକରେ ବନ୍ଦ ଆଲ୍‌ବମ୍‌ରେ
ସ୍ପନ୍ଦିତ ହେଉଥାଏ ।

***

Source: Author, Digitized by PPRACHIN, SOA

ସ୍ପର୍ଶ - ଯାହାକୁ ସେ ଆଉ କାହାକୁ ସମର୍ପିବାକୁ ଗ୍ରହୁଁଥିଲା

ସେ ଯେତିକି ଚୁପ୍‌ଚାପ୍
ତା' ଭିତରେ ସେତିକି ଶାନ୍ତ
ଏକ ଚେହେରା
ଆକାର ଗ୍ରହଣ କରୁଥିଲା ।

ସଖୀମେଳରେ ସେ ଭାବୁଥିଲା
ଯଦି ମୁଁ କାହାର ଯାଦୁକରୀ ସ୍ପର୍ଶରୁ
ନିଜକୁ ବଞ୍ଚେଇପାରିଲି
ତା'ହେଲେ ମୁଁ ଆରାମରେ ପହଁରିପାରିବି
କାହାର ମିଠା ହୃଦରେ ।

ସେ ଭାବୁଥିଲା
ଯେ ମୁଁ କେମିତି
ରହିଗଲି ନିଃସଙ୍ଗ
ଯେତେବେଳେ ମୋ ସଖୀମାନେ
ଭାଗ ବାଣ୍ଟିନେଲେ ବିରଳ ମୁହୂର୍ତ୍ତକୁ !

ସେ ଭାବେ
କି ଆଚମ୍ବିତ ଯେ
ହାତଟିଏ ତାକୁ ଛୁଇଁଲା-ନାଇଁ
ଏ କଥା କିଏ ବିଶ୍ୱାସ କରିବ ?

ହେଲେ ଏହି ସତ୍ୟ
ସେ କେବଳ ଜାଣେ

Source: Author, Digitized by PPRACHIN, SOA

ଏ କଥା ଶୁଣି ମନେ ମନେ
ସଖୀମାନେ ତାକୁ ମିଛେଇ କହନ୍ତି
ଦାନ୍ତରେ ଆଙ୍ଗୁଳି ଗୁଞ୍ଜନ୍ତି ।

ଯେତେବେଳେ ସେ କହେ
ଯେ ତାକୁ ଦେଖେଇ
ଗୋଡ଼ିରେ ବାଂଧି କେହି
ଚିଠି ଫିଙ୍ଗିନାହିଁ
ତା'ର ଛୋଟିଆ ଜୀବନରେ
ଯାହାକୁ ଗୋଟେଇବାକୁ ସେ
ଘରର ଛାତକୁ କେବେ
ଏକୁଟିଆ ଯାଇ ନାହିଁ ।

ଏମିତି ନୁହେଁ ଯେ
ସେ ଭିତରେ ଏକଦମ୍ ନୀରସ
କି ଏଯାଏଁ ତା' ଭିତରେ
ଝରଣାଟିଏ ଝରିନାହିଁ
କି ପାଣି ତାକୁ
ହନ୍ତସନ୍ତ କରିବା
ଆରମ୍ଭ କରିନି
କି ସେ ସ୍ୱପ୍ନ ଦେଖେନି
କି ତାକୁ ଗୀତ ଭଲ ଲାଗେନି ।

ସେ ବି ସମସ୍ତଙ୍କ ପରି
ଡେରିଯାଏଁ ନିଜକୁ ଦେଖେ
ଓ ଲାଜେଇଯାଇ
ନିଜକୁ ହାତରେ ଘୋଡ଼େଇ ଦିଏ
ଯଦି କେହି ତାକୁ ଛୁଇଁ ଦେଉଥିଲା
ସେ ବି ରାଗ ନ ହେଲେ ହସକୁ
ନିଜ ଭିତରେ ଗୁପି ଦେଉଥିଲା ।

Source: Author, Digitized by PPRACHIN, SOA

ସମସ୍ତଙ୍କ ପରି
ଦେହକୁ ନଜରରୁ ବଞ୍ଚେଇ ରଖିବା
ତା' ପାଇଁ ବି ଅସଂଭବ ଥିଲା
ସେ ଲଗାତାର ନିଜର ଦୃଷ୍ଟି
ବଞ୍ଚାଇ ରଖୁଥିଲା
ଓ ଯେତେବେଳେ
କେହି ତା'ର ଗୁଲାକି
ବୁଝିପାରୁଥିଲା
ସେ ନିଜ ପାଣିରେ ହିଁ
ଖସିଯାଉଥିଲା ।

ଯଦିଓ ତା'ର, ନିଜକୁ
ପ୍ରେମଠୁଁ ଦୂରେଇ ରଖିବାର
କୌଣସି ନିଶ୍ଚିତ ଯୋଜନା ନଥିଲା
ତଥାପି ସେ ବଞ୍ଚିଯାଇଥିଲା
ଓ ନିଜ ନିଶାରେ ନୀରବ ଥିଲା
ସମସ୍ତେ ଭାବୁଥିଲେ
ବୟସ ହେଲାଣି
କେହି ତ ଥିବେ !

ସମସ୍ତଙ୍କ ସହିତ
ସେ ବି ଭାବେ
କେହି ତ ଥିବ କେଉଁଠି
ଆଉ ଯିଏ ଥିବ
ତା'ର ଗୋଟିଏ ଚେହେରା ବି ଥିବ
ଏବେ ତ ତା' ଭିତରେ
ସେ ଚେହେରାହୀନ ଇ ଅଛି ।

ସେ କମ୍ କଥା କହେ
କିନ୍ତୁ ତା' ସହ କଥା ହେବାକୁ

Source: Author, Digitized by PPRACHIN, SOA

ଲଗାତାର ନିଜ ଭିତରେ·
ସେ କଥାସବୁ ଜମା କରୁଥାଏ
ତାକୁ ନିଜ ରଙ୍ଗରେ ରଙ୍ଗାଇବାକୁ
ସେ ରଙ୍ଗରେ ରଙ୍ଗ ମିଶାଇ ମିଶାଇ
ନୂଆ ନୂଆ ରଙ୍ଗ ତିଆରି କରୁଥାଏ ।

ତା' ଉପରେ ନଇଁ ପଡ଼ିବାକୁ
ସେ ଗଛର ପତ୍ର ଉପରେ
କଅଁଳଉଥାଏ ସ୍ୱପ୍ନ ।

ହେଲେ ବାହାରେ
ନିଜକୁ ସୁରକ୍ଷିତ ମଣୁଥିବା ସେ
ନିଜକୁ ଘରେ ରଖିପାରିଲା ନାଇଁ
ସୁରକ୍ଷିତ,
ଯାହା ବିଷୟରେ ସେ
କେବେ ବି·ଭାବିପାରି ନଥିଲା
ସେମିତି ଦୁଇଟି ହାତ
ଅଚାନକ ଆସିଲା
ଓ ତା'ର ତନ୍ତ୍ରୀକୁ
ଛିନ୍ନଭିନ୍ନ କରିଦେଲା ।

କାହାପାଇଁ ପ୍ରତୀକ୍ଷାରତ
ତା' ଭିତରର ସଫାସୁତୁରା ଦୁନିଆଁକୁ
ଧ୍ୱସ୍ତବିଧ୍ୱସ୍ତ କରିଦେଲା
ନ ଗୁହିଁଲେ ବି
ତା' ଭିତରେ ଆକାର ନେଉଥିବା
ଚେହେରାବିହୀନ ଚେହେରା ଉପରେ
ଆସି ଛାପି ହେଇଗଲା
ଅନ୍ୟ ଏକ ଚେହେରା ।

Source: Author, Digitized by PPRACHIN, SOA

ସେଇ ସ୍ପର୍ଶ
ଯାହାକୁ ସେ
ଆଉ କାହାକୁ ସମର୍ପିବାକୁ
ଗୃହୁଁଥିଲା
ତା' ଉପରେ ବୁଲେଇଦେଇଗଲା
ନିଜର ରୁକ୍ଷ ଅଙ୍ଗୁଳି ।

Source: Author, Digitized by PPRACHIN, SOA

ବିଞ୍ଚଣା

ଏ ଭିତରେ
ସମସ୍ତେ ତାକୁ ଭୁଲିଯାନ୍ତି
କାହାର ମନେରହେ ନାହିଁ
ପୁରୁଣା କପଡ଼ା ଓ
ରଙ୍ଗୀନ୍ ସୂତାର କାରିଗରୀ
ଘରର କୋଉ ଜାଗାରେ ଅଛି ।

କେହି କହିପାରନ୍ତି ନାହିଁ
ଖଜୁରୀ ପତ୍ରରେ ଥିବା
ଦଲକାଏ ଥଣ୍ଡା ପବନ
ଘରର କୋଉ କଣରେ
ପଡ଼ି ରହିଛି ।

ହେଲେ ଯେମିତି
ଋତୁର ଦେହ
ତାତିବାକୁ ଆରଂଭ କରେ
ମା' ତାକୁ ବାହାର କରିଆଣେ
ଓ କହେ
ଏଇ ବିଜୁଳିର ଭରସା କ'ଣ ?

***

Source: Author, Digitized by PPRACHIN, SOA

ମୋ ଭିତରେ ନାରୀଟିଏ

ମୋ ଭିତରେ ନାରୀଟିଏ
କାନ୍ଥକୁ ପିଠି ଲଗେଇ
ଠିଆ ହୋଇଛି, ଉଦାସ ।

ସେ ସବୁବେଳେ ମୋ ଭିତରେ ଥାଏ
ଭିତରେ ହିଁ ଗୁଣୁଗୁଣୁ ହୁଏ
କାନ୍ଦେ, ଭିତରେ ଇ
ନିଜର ନୀରବତାକୁ ବିଛେଇଦେଇ
ଚୁପ୍‌ଚାପ୍ ଶୋଇପଡ଼େ ।

ଟିକିଏ କଥାରେ
ସେ ଦ୍ରବିତ ହୋଇଯାଏ
ଟିକିଏ କଥାରେ
ଛଳ ଛଳ ହେଇଯାଏ ତା' ଆଖି
କୋଉକଥାରେ ସକେଇ ହୁଏ
ତ କୋଉକଥାକୁ କଇଁଉଠେଇ କାନ୍ଦେ ।

ମୋ ଭିତରେ
ସେ ଠିକ୍ ସେମିତି କୁଛାଏ
ଯେମିତି ମୋ ଜନ୍ମପରେ
ଗୋଟିଗୋଟି କରି
ଗ୍ରିଝିଅଙ୍କୁ ଜନ୍ମଦେଇ
ନିଜ ଦେହରେ ଚେର ମେଲିଥିବା
ରୋଗ ସହିତ ଯୁଝୁଥିବା ମୋ ମା'
ବିଛଣାରେ ପଡ଼ି ପଡ଼ି

Source: Author, Digitized by PPRACHIN, SOA

ମରିବା ଆଗରୁ
ଜୀବନ ପାଇଁ କୁହଉଥିଲା ।

ସେ ସେଇମିତି
ନିଜକୁ ଅପମାନିତ ମନେକରେ
ଯେମିତି, ସାମୂହିକ ବଳାତ୍କାର ପରେ
ଜଣେ ସ୍ତ୍ରୀ, ଏକୁଟିଆ
ନିଜ ଦେହ ବିଷୟରେ ଭାବେ
ଏବଂ ନିଜ ପ୍ରତି
ଘୃଣା ଓ କ୍ରୋଧରେ ଭରିଯାଏ ।

ସେ ସେମିତି ମୋ ଭିତରେ
ତିଳ ତିଳ ହୋଇ ମରେ
ଯେମିତି ସ୍ୱାମୀର ମୃତ୍ୟୁପରେ
ଗୋଟିଏ ନାରୀର ଆଖିରୁ
ପୁରୁଷର ଚେହେରାକୁ
ସବୁଦିନ ପାଇଁ ପୋଛି ଦିଆଯାଏ
ଓ ଜଣେ ଚେହେରାହୀନ ପୁରୁଷ
ତା'ର ଅଂଧାରକୁ ଓହ୍ଲେଇପଡ଼ି
ତାକୁ ବର୍ବରତାର ସହ
ହରଣ କରୁଥାଏ ।

ସେ ସେମିତି
ମୋ ଭିତରେ ବିରକ୍ତ ହୁଏ
ଯେମିତି ଖୁଣ୍ଟରେ
ବନ୍ଧା ହୋଇଥିବା ସ୍ତ୍ରୀ
ନିଜର ସ୍ୱପ୍ନକୁ
ପଚିଯିବାର ଦେଖୁଥାଏ
ଓ ଦାନ୍ତରେ ଶିକୁଳିକୁ
କାଟିବାର ଚେଷ୍ଟା କରୁଥାଏ

Source: Author, Digitized by PPRACHIN, SOA

ଅଧରାତିରେ ଆକାଶ
ତା' ନିଦରେ ବିଷହୋଇ
ବରଷୁଥାଏ ନିରନ୍ତର ।

ସେ ମୋ ଭିତରେ
ସେମିତି ରିକ୍ତହସ୍ତରେ ରହେ
ଯେମିତି ଖାଲିହାତରେ
ବାହାର ଦୁନିଆଁର ସବୁ ସ୍ତ୍ରୀ ଲୋକ ।
ତାକୁ ଏମିତି ଦେଖିଲେ
ଲାଗେ, ଯେମିତି
ସେ ଯେଉଁ ଲୁଗା ପିନ୍ଧିଛି
ସେ ଲୁଗା ତା'ର ନୁହେଁ
ପାଦରେ ଯେଉଁ ଚପଲ ପିନ୍ଧିଛି
ସେ ତା' ମାପର ନୁହେଁ ।

ସିଏ, ଯେ ମୋ ଭିତରେ
ପାଟିଂବୁଜି ବସିଛି ଚୁପ୍‌ଚାପ୍
କେଉଁ ଦୃଶ୍ୟ ଲାଗି
ମତେ ଦାୟୀ କରୁଛି
ମୋ ସହ ସାଥୀ ହୋଇ
ତାକୁ ଦେଖିବାକୁ ଗ୍ରହୁଁଛି
କିଛି ଘଟଣା ପାଇଁ
ମୋ ମୁହଁରେ
ଛେପ ପକାଇବା ପାଇଁ ଗ୍ରହୁଁଛି
କେଉଁ ଅନ୍ୟାୟ ପାଇଁ
ମତେ ଫାଶୀ ଚଢ଼େଇଦେବାକୁ ଗ୍ରହୁଁଛି ।

***

Source: Author, Digitized by PPRACHIN, SOA

ତା'ର ଜିଦ୍ - ଛ'ଟି କବିତା

(ଏକ)

ଜୋତାର ଗୋଇଠି ବାହାରିଯାଇ
ଏମିତି ଭାଙ୍ଗିଗଲା
ଯେ ଆଉ ଯୋଡ଼ିବାଯୋଗ୍ୟ ହୋଇ
ରହିଲା ନାହିଁ
ସେଠି କେହି ବି ନଥିଲେ
ଯିଏ ତାକୁ ଯୋଡ଼ିଦେଇଥାନ୍ତା
ଏବେ ମୋ ପାଦରେ
ଗୋଟିଏ ଜୋତାର ଗୋଇଠି ଥିଲା
ତା ଆରଟି ବିନା ଗୋଇଠିବାଲା ।

ଯେତେବେଳେ
ମୁଁ ଥକିଯାଇ ବସିପଡ଼ିଲି
ସେତେବେଳେ ସେ ଉଠିଲା
ଓ ନିଜ ଚପଲର
ଗୋଟିକରୁ ଗୋଇଠି କାଢ଼ିଲା
ଓ ମୋର ବିନା ଗୋଇଠିବାଲା
ଜୋତାରେ ଯୋଡ଼ି
ଦେଖିବାକୁ ଲାଗିଲା
ମୁଁ ତାକୁ କହିଲି
ତମେ ଏ କ'ଣ କରୁଛ
ମୋ କଥା କାହିଁକି ଶୁଣୁନ ?

ତା'ପରେ ସେ
ଗୋଟି ଗୋଟି କରି

Source: Author, Digitized by PPRACHIN, SOA

ଚପଲରୁ ବାହାରିଥିବା
ପୁରୁଣା, ବଙ୍କା କଣ୍ଟାଗୁଡ଼ିକୁ
ସିଧା କଲା
ଓ ନିଜ ଚପଲର ଗୋଇଠିକୁ
ଜୋତାରେ ଯୋଡ଼ି
ତାକୁ ତିଆରି କରିଦେଲା ।

ଏବେ ମୋ ପାଦରେ
ଗୋଇଠିବାଲା ଜୋତା ଥିଲା
ଓ ତା'ର ସ୍ଥିତି ଥିଲା
ଠିକ୍ ମୋ ପୂର୍ବସ୍ଥିତି ପରି
ଗୋଟିଏ ଗୋଡ଼ରେ
ବିନା ଗୋଇଠିବାଲା ଚପଲ ।

ପୁଣି ତା' ମୁଣ୍ଡରେ
କ'ଣ ଢୁକିଲା କେଜାଣି
ସେ ନିଜର ଆରପାଦର
ଚପଲରୁ ବି ଗୋଇଠିଟି କାଢ଼ିଦେଲା
ଓ ଠିକ୍ ସେଇଜାଗାକୁ ଫିଙ୍ଗିଦେଲା
ଯେଉଁଠି ମୋ ଜୋତାରୁ
ଭାଙ୍ଗିଯାଇଥିବା ଗୋଇଠିଟି ପଡ଼ିଥିଲା ।

ଆଉ ଏମିତି କରି
ସେ ଏତେ ଖୁସି ଥିଲା ଯେ
ମତେ ବାରଂବାର କହୁଥିଲା
ଯେ ସେ ଏବେ
ଏଇ ବିନା ଗୋଇଠିର ଚପଲ ପିଂଧି
ମାଟିରେ ଚାଲୁନାହିଁ
ସତେ କି ଉଡ଼ିଯାଉଛି ।

Source: Author, Digitized by PPRACHIN, SOA

(ଦୁଇ)

ହାତବ୍ୟାଗ୍‌ଟି
ଗୋଟିଏ ପାଖକୁ ରଖିଦେଇ
ସେ କହିଲା
ମୁଁ ଏଇ ବର୍ଷାକୁ
ନିଜ ବ୍ୟାଗ୍‌ରେ ଭରିବାକୁ ଚାହେଁ
ମୁଁ କହିଲି ବିଲ୍‌କୁଲ୍
ତମକୁ କିଏ ଅଟକାଇଛି ?
ସେ କହିଲା ନା
ତମ ସାଥିରେ ଭିଜି ଭିଜି
ସେ ବର୍ଷାକୁ
ମୁଁ ଏଇ ବ୍ୟାଗ୍‌ରେ ଭରିବାକୁ ଚାହେଁ ।

ମୁଁ ଦେଖିଲି
ବାହାରେ ଖରା ପଡ଼ିଛି
ମତେ ତା' କଥାରେ
ହସ ମାଡୁଥିଲା
ହେଲେ ସେ ନଛୋଡ଼ବନ୍ଧା
ମତେ ଟାଣିଆଣିଲା ବାହାରକୁ
କିଛିବେଳ ମୁଁ ତାକୁ ଥଟ୍ଟାକଲି
ହେଲେ ଧୀରେ ଧୀରେ
ମତେ ଲାଗିଲା
ଯେମିତି ମୁଁ ସତକୁ ସତ
ଘୋରବର୍ଷାରେ ଠିଆହୋଇ ତିନ୍ତୁଛି
ଆଉ ସିଏ ତ
ଭିଜିବାରେ ମଗ୍ନ ଥିଲା ଇ ।

ତା'ପରେ ଆମେ ଦୁହେଁ
ଡେରିଯାଏଁ ବର୍ଷାରେ ଭିଜିଲୁ
ଆଉ ଆଂଜୁଳାରେ ଆଣି

Source: Author, Digitized by PPRACHIN, SOA

ତାକୁ ବ୍ୟାଗ୍‌ରେ ଭରିଲୁ
ପୁଣି ଆମେ ବ୍ୟାଗ୍ ଓ ନିଜକୁ
ପାଣିରେ ବୁଡୁବୁଡୁ କରି
ଭିତରକୁ ଫେରିଆସିଲୁ
ଭିତରକୁ ଆସି
ସବାଆଗେ ସେ ନିଜ କେଶରୁ
ପାଣି ଝାଡ଼ିଲା ଓ
ମୁଁ ପାପୁଲିରେ
ମୋ ଓଦାମୁହଁ ପୋଛିଲି ।

ଏକଥା ଶୁଣି
ଯିଏ ହେଲେ ବି
ଆଶ୍ଚର୍ଯ୍ୟ ହେବ
କି ମୁଁ ଏମିତି
କେତେଥର ତା' ଜିଦ୍‌ରେ
ତା' ବ୍ୟାଗ୍‌ରେ ଏମିତି
ବର୍ଷାପାଣି ଭରିଛି
ଯାହାର ଦୂର ଦୂର ଯାଏଁ
କିଛି ଚିହ୍ନବର୍ଣ୍ଣ ନଥାଏ ।

ଖାଲି ଭରିନାହିଁ
କେତେଥର ତ ମୁଁ
ତା' ଆଖିରୁ ଲୁଚେଇ
ବ୍ୟାଗ୍‌ରେ ଭରିଥିବା ସେ ପାଣିକୁ
ମରୁଡ଼ି ସହିତ ଯୁଝୁଥିବା
ପଡ଼ୋଶୀ ରାଜ୍ୟରେ
ଢାଳି ବି ଦେଇଛି ।

Source: Author, Digitized by PPRACHIN, SOA

(ତିନି)

ତମେ ନିଜକୁ ନିଜେ
କ'ଣ ଭାବୁଛ ?
ପଛରୁ ଅଣ୍ଟାକୁ
ଜୋର୍‌ରେ ଭିଡ଼ିଧରି
ସେ ପଚାରିଲା ।

ତମର ପ୍ରେମିକ,
ମୁଁ ଉତ୍ତର ଦେଲି ।

ନାଇଁ ନାଇଁ
ତମେ ମତେ ସତ ସତ କୁହ
ତମେ ନିଜକୁ ନିଜେ
କ'ଣ ବୋଲି ଭାବୁଛ ?

କିହିଲ ନା, ତମର ପ୍ରେମିକ
ମୁଁ ଦୋହରାଇଲି ।

କେମିତି ମାନିନେବି ଯେ
ତମେ ମୋର ପ୍ରେମିକ
ମତେ ସଚ୍ଚା ପ୍ରେମ କରୁଛ
କଥା ଲମ୍ବେଇ ସେ କହିଲା
ମୁଁ ପଚାରିଲି
ଆଚ୍ଛା ତମେ ଇ କୁହ
ମୁଁ କେମିତି ପ୍ରମାଣ କରିବି ଯେ
ମୁଁ ତମକୁ ପ୍ରେମ କରେ ।

ମୁଁ ମାନେନି
ତମେ ମତେ ପ୍ରେମ କର
ଆଚ୍ଛା ଗୋଟିଏ କାମ କର

Source: Author, Digitized by PPRACHIN, SOA

ଯାହାକୁ ତମେ ଏଇଲେ କରିପାରିବ
ତା'ହେଲେ ମତେ ଲାଗିବ
ଯେ ତମେ ମତେ
ପ୍ରେମ କରୁଛ
ମୁଁ କହିଲି
ଆଚ୍ଛା କୁହ
ମତେ କ'ଣ କରିବାକୁ ହେବ ।

ତମେ ଏମିତି
ମଟର ସାଇକେଲ ଚଲାଉଚଲାଉ
ପଛରେ, ମୋ ଓଠ ଚୁମି ଦେଖାଅ ତ
ତା'ହେଲେ ଯାଇ ମାନିବି ।

ମୁଁ କହିଲି
ଏମିତି ହେଇପାରିବ ନାଇଁ
ସେ କହିଲା, ଠିକ୍ ଅଛି
ଗାଡ଼ି ରଖ, ମତେ ଓହ୍ଲେଇଦିଅ ।

ମୁଁ କହିଲି
ଠିକ୍ ଅଛି
ମୁଁ ଚେଷ୍ଟା କରି ଦେଖେଁ ।

ଓ ମୁଁ ଯେତେବେଳେ
ତା' ଓଠ ଚୁମିବାକୁ
ପଛକୁ ମୁହଁ ବୁଲେଇଲି
ସେ ଚିତ୍କାର କରି କହିଲା
କ'ଣ କରୁଛ
ମରିବାକୁ ଚାହୁଁଛ ନା କ'ଣ ?
ମୁଁ କହିଲି ବୋଲି
କ'ଣ କୂଅକୁ ଡେଇଁପଡ଼ିବ ?

Source: Author, Digitized by PPRACHIN, SOA

ଦରକାର ନାଇଁ କିଛି କରିବା
ମୁଁ ଜାଣିଛି
ତମେ ମତେ ବହୁତ୍ ଭଲପାଅ ।

(ସ୍ତ୍ରୀ)

ଆଚ୍ଛା କହିଲ
ମୁଁ ଆଜି କାହିଁକି ଏତେ ଖୁସି ?
ମୁଁ କହିଲି
ମୁଁ କେମିତି ଜାଣିବି ?
ମୁଁ କେତେ ବା ଜାଣେ
କାହାର ମନ ?

ନାହିଁ – କୁହ
ସେ ଗୋଡ଼କଚାଡ଼ି କହିଲା
କୁହ, ମୁଁ ଆଜି କାହିଁକି ଏତେ ଖୁସି ?
ମୋ ମନରେ କ'ଣ ଅଛି
ତମେ କାଇଁକି ଜାଣନା
ପୁଣି ମୋ ମନକଥା
ତମେ ନ ଜାଣିବ ତ
ଆଉ କିଏ ଜାଣିବ ?

ମୁଁ କହିଲି
ଆଚ୍ଛା ରୁହ,
ମୁଁ ଅନୁମାନ କରେ
ମୁଁ ତେରିଯାଏ ଭାବିଲି
ଯେତେବେଳେ
କିଛି ଜାଣିପାରିଲି ନାଇଁ
ତ ହାରିଯାଇ କହିଲି
ନାଇଁ ପ୍ରିୟେ, ତମ ଖୁସିର
କାରଣ ଖୋଜି ପାଇଲି ନାଇଁ

Source: Author, Digitized by PPRACHIN, SOA

ହେଲେ ତମେ ଏମିତି
ଖୁସି ଖୁସି
ମତେ ଭାରି ଭଲ ଲାଗୁଛି ।

ନା... ନା... କୁହ କୁହ
କ'ଣ କାରଣ
ଆଜି ମୁଁ ଏତେ ଖୁସି
ସେ ମୋ କାମରେ
ବାଧାଦେଇ କହିଲା ।

ମୁଁ ଟିକେ ଚିଡ଼ିଯାଇ କହିଲି
ଯେତେବେଳେ ମୁଁ
କିଛି ଜାଣିପାରୁନି ତ
କ'ଣ କହିବି ?
ତମ ଖୁସିର
କିଛି ଗୋଟାଏ କାରଣ ଥିବ ।

ଭାରି ତ
କିଛି ଜାଣିନପାରିବାବାଲା !
କ'ଣ ଗୋଟାଏ କାରଣ ଥିବ
କହିଲାବାଲା !
କାହିଁକି ତମକୁ ଜଣାପଡୁନି କିଛି
ରୁହ, ମୁଁ ହିଁ କହେଇ ଦଉଛି ତମକୁ
ମୋ ଖୁସିର କିଛି ବି କାରଣ ନାହିଁ
ମୁଁ ଆଜି ଖୁସି ତ
ବାସ୍ ଖୁସି ଅଛି ।

ହେଲେ ମୁଁ
ଏତିକି ନିଶ୍ଚୟ ବୁଝୁଛି ଯେ
ତମେ ମୋର ଆଜିର

Source: Author, Digitized by PPRACHIN, SOA

ଏଇ ଖୁସିର
ନାଁ'ଟିଏ ନିଶ୍ଚୟ ରଖିବ ।

(ପାଞ୍ଚ)

କୋଉ କଥାକୁ ରୁଷିଯାଇ
ମୋ ଆଗରେ ସେ ବସିରହିଛି
ନିଜର ବ୍ୟସ୍ତତାକୁ ଲୁଚାଇ
ମୁଁ ତାକୁ ପଗ୍ଭରିଲି
କିଛି ଏମିତି ସେମିତି କଥା ?
ସେ ମୁଣ୍ଡ ହଲାଇ ନାହିଁ କଲା ।

ବହୁତ୍ ଡେରିଯାଏଁ
ସେ ସେମିତି ବସି ରହିଲା
ମୁଁ ତାକୁ ବହୁତ୍ ଡେରିଯାଏଁ
କାରଣ ପଚାରିଗ୍ଭଲିଲି
ହେଲେ ମୁଁ ଜାଣିଛି
କୋଉଠିନା କୋଉଠି
କିଛି କ'ଣ ଅଛି !

କାମ ବନ୍ଦ କରି
ମୁଁ ତାକୁ କହିଲି
ଆଚ୍ଛା ଗ୍ଭଲ
ଗ୍ଭ ପିଇ ଆସିବା
ସେ ଚୁପ୍‌ଚାପ୍ ବସି ଗ୍ଭ ପିଇଲା
ମୁଁ ପଚାରିଲି କିଛି ଖାଇବ ?
ସେ ମନାକଲା ।

ମୁଁ ଲଗାତାର୍ ତାକୁ
କିଛି ନା କିଛି ବଢ଼େଇଲି
ସେ ଲଗାତାର୍ କିଛି ନ କହି

Source: Author, Digitized by PPRACHIN, SOA

ଖାଲି ମୁଣ୍ଡ ହଲେଇଲା
ମୋ ପାଇଁ ସବୁ ଯେତେବେଳେ
ଅସହ୍ୟ ହେଲା
ମୁଁ ବିରକ୍ତ ହୋଇ କହିଲି
ଆଚ୍ଛା କଥା କ'ଣ
କିଛି ତ କୁହ
ଏମିତି କେମିତି ଚଳିବ ?

ଆଚ୍ଛା ମୁଁ ଯାଉଛି
କହି ସେ ଉଠି ଯିବାକୁ ବସିଲା
ଏବେ ମୋ ପାଇଁ
ଏହା ପୀଡ଼ାଦାୟକ ଥିଲା
ମୁଁ ବାଟଘେରି ପଚାରିଲି
ପ୍ରଥମେ କଥା କ'ଣ କୁହ
ତା'ପରେ ବାଟ ଛାଡ଼ିବି ।

ସେ କହିଲା
କହି ଲାଭ୍ କ'ଣ ?
ତମର କ'ଣ କିଛି ମନେ ରହେ ?
ମୁଁ ତମକୁ କହିଥିଲି ନା
ଆଜି ଲାଲ୍ ରଙ୍ଗର
କାମିଜ୍ ପିନ୍ଧି ଆସିବ ।
କ'ଣ ହେଲା ? ଭୁଲିଗଲଟି !
ଛାଡ଼, ମତେ ଯିବାକୁ ଦିଅ ।

(ଛଅ)

କିଛି ମନେପଡ଼ିବା କ୍ଷଣି
ସେ ମୋ କଥାକୁ କାଟି କହିଲା
ପ୍ରଥମେ ମୋ କଥା ଶୁଣ
ମୁଁ ତମକୁ କିଛି

Source: Author, Digitized by PPRACHIN, SOA

କହିବାକୁ ଚାହୁଁଛି
କାଲିରାତିରେ
ମୁଁ ଗୋଟିଏ ସ୍ୱପ୍ନ ଦେଖିଲି
ସେଇ ବିଷୟରେ ।

ସେ କହିଲା
ମୁଁ ଦେଖିଲି ଯେ
ମୁଁ ଗୋଟିଏ ବଲ୍ ହୋଇଯାଇଛି
ଆଉ ତମେ, ମୋରି ଜିଦ୍ ଯୋଗୁଁ
ମତେ ଆକାଶକୁ ଫିଙ୍ଗିଦେଇଛ
ସେଠି ପହଞ୍ଚି, ମୁଁ ଗଡ଼ିଚାଲିଛି
ଏଠୁ... ସେଠିକି ।

କେତେବେଳେ
କୋଉ ତାରାଠିଁ
ବାଡ଼େଇ ହେଉଛି ତ
କେତେବେଳେ
କୋଉ ଗ୍ରହ ସହିତ
ଆଉ ଚନ୍ଦ୍ର ତ
ମୋ ପଛରେ ପଡ଼ିଯାଇଛି ।

ଉପରୁ ମୁଁ ତମକୁ
ପୃଥିବୀ ଉପରେ ଠିଆହୋଇ
ଆକାଶ ଆଡ଼କୁ ମୁହଁକରି
ମତେ ଖୋଜିବାର ଦେଖୁଛି
ମୁଁ ତମକୁ ବଡ଼ପାଟିରେ ଡାକୁଛି
ହେଲେ ତମେ ଶୁଣିପାରୁନାହଁ ।

ଅଚାନକ ଚନ୍ଦ୍ର
ମୋ ରାସ୍ତା ଅଟକାଇ
ମତେ ପ୍ରେମ ନିବେଦନ କଲା ।

Source: Author, Digitized by PPRACHIN, SOA

ମୁଁ ଘାବରେଇ ଯାଉଛି
କୌଣସିମତେ ତା' ପାଖରୁ ଖସି
ତମ ପାଖରେ ପହଞ୍ଚିବାକୁ ଚାହୁଁଛି ।

ଏବେ ତମେ କୁହ ତ
ସ୍ୱପ୍ନରେ ଆଗକୁ କ'ଣ ହେଇଥିବ ?
ସେ ମତେ ହସି ହସି ପଚାରିଲା
ମୁଁ କହିଲି, ମୁଁ କ'ଣ ଜାଣେ ?

ପୁଣି ସେ କହିଲା
ଯେତେବେଳେ ତା' ପାଖରୁ
ଖସିବାକୁ,
ମତେ କିଛି ବାଟ ଦିଶିଲାନି
ସେତେବେଳେ ଚାନ୍ଦକୁ
ପୃଥିବୀ ଉପରେ ମୁଁ ତମକୁ
ଦେଖାଇ କହିଲି
ଏଇ ଦେଖ, ଏଇ ତଳେ
ମତେ ଯିଏ ଖୋଜୁଛି
ମତେ ଲାଗୁଛି ସିଏ
ତମଠୁଁ ବେଶୀ ଶକ୍ତିମାନ୍
ସେଇ ତ,
ଗୋଟିଏ ଝଟ୍‌କାରେ
ମତେ ଉଠେଇ, ଫିଙ୍ଗିଦେଇଛି ଏଠାରେ !
ତମେ କ'ଣ ମତେ
ତାରି ପରି ଥରକେ
ପୃଥିବୀକୁ ଫିଙ୍ଗିଦେଇ ପାରିବ ?

ଚାନ୍ଦଟା କେଡ଼େ ମୂର୍ଖ ଥିଲା
ସେ ବି ସେଇ ଭୁଲ୍ ଦୋହରାଇଲା
ଯାହା ତମେ କରିଥିଲ

Source: Author, Digitized by PPRACHIN, SOA

ନ ଭାବି ନ ବୁଝି, ତମରି ପରି
ସେ ବି ମତେ
ପୃଥିବୀ ଉପରକୁ ଫିଙ୍ଗିଦେଲା ।

ସେ ପୁଣି ରୁଦ୍ଧ କଣ୍ଠରେ କହିଲା
ଶୁଣ, ମୁଁ ଯେତେ ବି ଜିଦ୍ କଲେ
ତମେ ମୋ କଥା
ଟିକେ ବି ଶୁଣିବନି
ଗୃହ ମୋ କଥା ଅନୁଯାୟୀ
ସବୁଥର ଯେ ମୂର୍ଖତା କରିବ
ଏ କଥା ତ ନୁହେଁ ।

Source: Author, Digitized by PPRACHIN, SOA

ଅସଲରେ, ତାକୁ ବୁଝିବା ମାନେ ନିଜକୁ ବୁଝିବା

ଆମ ଦୁହିଁଙ୍କ ବ୍ୟତୀତ
ଆଉ କେହି ନଥିଲେ ସେ କୋଠରୀରେ
ଆମେ ଦୁହେଁ
ପରସ୍ପରର ସାମନାରେ ବସିଥିଲୁଁ
ଓ ପରସ୍ପରର ଦୃଷ୍ଟି ଏଡ଼ାଉଥିଲୁ
ଯଦିଓ ଆମକୁ ନିଶା ଘାରିଆସିଥିଲା
ତଥାପି ଆମ ଭିତରେ
ଆଲୋଚନା ମୁଣ୍ଡ ଟେକିଥିଲା
ଓ ଜଣେ ଜଣକ ଆଗରେ
ସଙ୍କୁଚିତ ହେବାକୁ, ବିବଶ କରୁଥିଲା

ପ୍ଲେଟ୍‌ରୁ ବାଦାମ୍ ମଞ୍ଜିଟିଏ
ପାଟିରେ ପକେଇ
ମୁଁ ତାକୁ କହିଲି
ମୁଁ କେଉଁଠୁ ସେ କଥା
ଜାଣିଲି ବୋଲି
ତମେ କାହିଁକି, ଜାଣିବାକୁ ଚାହୁଁ ?
ତମେ ଯଦି ଭାବୁଛ
ଏ ବିଷୟରେ କାହାକୁ କିଛି
ଜଣାନାହିଁ, ତ ତମେ
ପୁଣି ଭୁଲ୍ କରୁଛ
ମୋ ଛଡ଼ା, ଆଉ କେଇଜଣ ବି ଅଛନ୍ତି
ଯେଉଁମାନେ ଏ ବିଷୟରେ
ଭଲଭାବରେ ଜାଣିଛନ୍ତି ।

Source: Author, Digitized by PPRACHIN, SOA

ତମକଥା ମାନୁଛି
ଯେ ତମେ ତାକୁ
ଭଲପାଇବାରେ ଟିକିଏ ବି
ହେଳା କରିନ
କେତେ ଝିଅଙ୍କ ଭିତରୁ
ବାଛି ବାଛି ତାକୁ ଆଣିଥିଲ
ଓ ଏ ସବୁ ଧାଁ ଦଉଡ଼ ବି
ତମେ ତାରି ଲାଗି କରୁଛ
ତମ ଭିତରେ, ସବୁକିଛି ଭଲ
ପୁଣି ସେ କାହିଁକି
ଏମିତି କଲା !

ଏ ମାମଲାରେ ତ
ଏତିକି କୁହାଯାଇପାରେ ଯେ
ସବୁକିଛି ଭଲହେବାର ମାନେ
ସବୁକିଛି ମନ ମୁତାବକ ନୁହେଁ
ଇଚ୍ଛାର ପକ୍ଷୀ ତ
ଭିତରେ କଳକାକଳି କରୁଥାଏ
ଇଚ୍ଛାର ପ୍ରଜାପତିମାନଙ୍କ ପଛରେ
ଧାଇଁବାରେ, ଆମେ କ'ଣ
କାହାଠୁଁ କିଛି କମ୍ !

ଏ ବିଷୟରେ
ଆମକୁ ପରସ୍ପର ଅପେକ୍ଷା
କିଏ ବେଶୀ ଜାଣେ ?
ଏବେ ବି କ'ଣ ଆମେ
ତା'ର କୋମଳ
ପର ସହିତ, ଖେଳୁନାହୁଁ ?
ନିଜ ପସନ୍ଦର ସଙ୍ଗୀ ଥାଇ ବି
ଏବେ ବି କ'ଣ

Source: Author, Digitized by PPRACHIN, SOA

ଆମର ହାତଗୋଡ଼
ଫଟ୍ ଫଟ୍ ହେଉନି ?

ପେଗ୍ ବନାଅ
ମୋର ଟିକେ ଛୋଟ ହିଁ ରଖିବ
ତମେ ତାକୁ ଭୁଲ୍ କହିପାର
ହେଲେ ମତେ ଲାଗୁନି
ତମ ପତ୍ନୀ, କିଛି ଭୁଲ୍ କରିଛନ୍ତି ।

ସେ ବି ନିଜ ଇଚ୍ଛାର ସ୍ରୋତରେ
ଭାସିଯାଇ, ଦୂର ଯାଏଁ
ଯାଇପାରନ୍ତି
ସେ ବି ସବୁକିଛି
ଭଲ ଥିବା ସତ୍ତ୍ୱେ
ଭଲକୁ ଗୋଟିଏ ପାଖରେ ରଖି
ନିଜ ଇଚ୍ଛାକୁ
ପ୍ରାଥମିକତା ଦେଇପାରନ୍ତି ।

ନିଜ ଆଗରେ, ନିଜକୁ ହିଁ
ଠିଆ କରିଦେଇପାରନ୍ତି
ଲାଗୁଛି,
ସେ ତାହା ହିଁ କରିଛନ୍ତି ।

ଗୋଟିଏ କଥା କୁହ
ଜୀବନର ଏଇ ସବୁଠୁଁ
ରଙ୍ଗୀନ୍ ରାସ୍ତା...
ଯାହା ଉପରେ ଯେତିକି ଆମର
ଠିକ୍ ସେତିକି
ଗୋଟିଏ ସ୍ତ୍ରୀର ବି
ଅଧିକାର ଅଛି

Source: Author, Digitized by PPRACHIN, SOA

ସେ ରାସ୍ତାରେ ଗୃଲୁଁ ଗୃଲୁଁ
ଆମେ କାହିଁକି
ଏ କଥା ଜାଣିବାର
ଚେଷ୍ଟା କରୁନା ଯେ
ଜଣେ ସ୍ତ୍ରୀ
କେମିତି ପୁରୁଷଟିଏ ଗୃହେଁ
ସେ ଗୋଟିଏ ପୁରୁଷ ଭିତରେ
ସ୍ୱାମୀ ଓ ପ୍ରେମିକ
ଦୁଇଟିକୁ ଗୃହେଁ ନା
ପତି ଓ ପ୍ରେମିକ ରୂପରେ
ଦୁଇଟି ଅଲଗା ଅଲଗା
ପୁରୁଷକୁ ଗୃହେଁ ।

ସେଇ ବିବାହିତା ସ୍ତ୍ରୀଲୋକମାନେ
ଯେଉଁମାନେ, ହୋଟେଲ୍ କୋଠରୀରେ
ଅଫିସ୍‌ର ବାଥ୍‌ରୁମ୍‌ରେ
କି ବନ୍ଧୁଙ୍କ ଫ୍ଲାଟ୍‌ରେ
ଆମ ସହିତ ମିଶନ୍ତି
ସେମାନେ କ'ଣ
ଆମ ପତ୍ନୀମାନଙ୍କ ପରି
ସ୍ତ୍ରୀ ଲୋକ ନୁହଁନ୍ତି ?
ସେମାନଙ୍କର ପତି
ଓ ଆମେ ପ୍ରେମିକମାନେ
କ'ଣ ଅଲଗା ଅଲଗା
ପୁରୁଷ ନୋହୁଁ ?

ସେମାନେ ଯେତେବେଳେ
ଆମ ସହିତ ମିଶିବାକୁ ଆସନ୍ତି
ସେତେବେଳେ ସେମାନେ ଆମକୁ
ଓ ଆମେ ସେମାନଙ୍କୁ

Source: Author, Digitized by PPRACHIN, SOA

କେତେ ବେଶୀ ପସନ୍ଦ କରୁ
ଅସମ୍ଭାଳ ହୋଇ
ପରସ୍ପରକୁ ଭିଡ଼ିଧରୁ
ଯଦିଓ ସେମାନଙ୍କର
ଓ ଆମର, ସବୁକିଛି ଭଲ ଅଛି
ଅସଲ କଥା ହେଲା
ତାଙ୍କୁ ବୁଝିବା ହେଉଛି
ନିଜକୁ ହିଁ ବୁଝିବା ।

ଏ କଥାର କିଛି ଅର୍ଥ ନାହିଁ
ଯେ ତମେ ହିଁ
କାହିଁକି ୟା'ର ଶିକାର ହେଲ
ମୁଁ ତମକୁ ଇ ପଗ୍ଭରୁଛି
ତମେ ଏ ସବୁର ଶିକାର ହେବା
କାହିଁକି ଉଚିତ୍ ନୁହେଁ ?

ଠିକ୍ ଅଛି,
ଯଦି ସେ ତମ ହାତରେ
ଧରାପଡ଼ିଗଲେ
ଠିକ୍ ଅଛି, ଯଦି ସେ
ତମେ ମୁହଁ ବୁଲାଇବାମାତ୍ରେ
ଆଉ କା ଆଖିରେ
ରଙ୍ଗ ପରି ବୁଣିହେଇଗଲେ
ଆଉ କା ବାହୁପାଶରେ
ତାରାଟିଏ ପରି ଚକ୍‌ମକ୍ କଲେ
ତାଙ୍କୁ ବୁଝିବା ପାଇଁ
ତାଙ୍କର ଏଇ ଉତ୍ତର ଇ ଯଥେଷ୍ଟ ।

ମୁଁ ଜାଣେନି
ମୁଁ କାହିଁକି କଲି ଏସବୁ

Source: Author, Digitized by PPRACHIN, SOA

ନା ମୁଁ ତମକୁ ଇର୍ଷ୍ୟା କରେ
ନା ତମକୁ ନାପସନ୍ଦ କରେ
ୟା ବି ସତ
ଯେ ସବୁଠୁଁ ଆଗ
ମୁଁ ତମକୁ ହିଁ ଭଲପାଏ
ସବା ଆଗେ
ମୁଁ ତମରି ପ୍ରତି ଦାୟିତ୍ୱଶୀଳ ।

ଆଉ ଏକଥା ମୁଁ
ତାଙ୍କୁ ବି କହିଛି
ଯେ ମୁଁ ନିଜକୁ
ତମ ପାଖରେ ଖୁସି ଖୁସି
ସମର୍ପି ଦେଇପାରେ
ହେଲେ ଯେତେବେଳେ
ତାଙ୍କର ପ୍ରଶ୍ନ ଆସିବ
ମୋ ଉପରେ ପ୍ରଥମ ଅଧିକାର
ତାଙ୍କରି କେବଳ... ।

***

Source: Author, Digitized by PPRACHIN, SOA

ପ୍ରେମରେ ବୁଡ଼ୁବୁଡ଼ୁ ମାଆ

ଦୁନିଆଁର
ସବୁଠୁଁ ଭାଗ୍ୟବତୀ ଝିଅ ମୁଁ
ଏଇଥିପାଇଁ ଯେ
ମୋ ମାଆ
ଆଜିକାଲି ତା' ପ୍ରେମିକର
ପ୍ରେମରେ ବୁଡ଼ି ରହିଛି
ଓ ମୁଁ ସେମାନଙ୍କୁ
ପରସ୍ପରକୁ ଚୁପି ଚୁପି
ପ୍ରେମ କରିବାର ଦେଖୁଛି ।

ବାପା,
ତମ ଯିବା ପରେ
କେତେ ବର୍ଷ
କେଡ଼େ ଏକାକିନୀ
କେଡ଼େ ଉଦାସ ଥିଲା ମାଆ
ତମେ ତାକୁ
ଏମିତି ଛାଡ଼ିଗଲ
ତମର କ'ଣ ମା' ପାଇଁ
ଗଭୀର ପ୍ରେମ ନଥିଲା ?

ଏ ଦୁନିଆଁରେ
ମୋ ମା'ଠୁ ବେଶୀ ସୁନ୍ଦର
ଆଉ କ'ଣ କିଛି ଅଛି ?
ମୁଁ ବାଜି ମାରି କହିପାରେ
ମୋ ମା' ଏ ଦୁନିଆଁରେ

Source: Author, Digitized by PPRACHIN, SOA

ସବୁଠୁଁ ସୁନ୍ଦରୀ ନାରୀ
ଓ ତମକୁ ତ
ସମୟ ଏଇ ସଂପଦ
ଏମିତି ଦେଇ ଦେଇଥିଲା ।

ହେଲେ ତମର କ'ଣ ହେଲା ଯେ
ତମେ କ୍ଷୀର, ମହୁ, ଚନ୍ଦନ
ଫୁଲ ଓ ପବିତ୍ରତାରେ ତିଆରି
ଏଇ ସ୍ୱର୍ଗକୁ
ଛାଡ଼ି ଚାଲିଗଲ ?

ମା'ର ଦେହର ତାତି
ତା'ର କାମନାର ଚଞ୍ଚଳତା
ଓ ସଂସର୍ଗ, ସଂଯମ କଥା
ତମଠୁଁ ଆଉ ବେଶୀ
କିଏ ଜାଣେ ?

ତମକୁ କ'ଣ
ଜୀବନରେ କେବେ ବି
ଲାଗିନି ଯେ
ତମ ପରେ
ଏଇ ନଇକୁ
ବନ୍ଧ ବାନ୍ଧିବା
କେଡ଼େ କଷ୍ଟକର ?
ଯେ ତମେ କେଡ଼େ
ସମ୍ପନ୍ନ ଥିଲ
ଓ କେଡ଼େ ବିପନ୍ନ
କରିଦେଲ, ଦିନେ ତାକୁ ?

Source: Author, Digitized by PPRACHIN, SOA

ମା' ତ
ଭୁଲି ସାରିଥିଲା ସବୁ ରଙ୍ଗ
ତାକୁ ରଙ୍ଗୀନ୍ ଦେଖାଅ
ତ ଫିକା ଲାଗୁଥିଲା
ମିଠା ଖୁଆଅ
ତ ପିତା କହି
ଫିଙ୍ଗି ଦେଉଥିଲା
ଗୀତ ଶୁଣି
କାନରେ ହାତ ଦେଉଥିଲା
ଯିବା ଆସିବା ବେଳେ
ସଡ଼କକୁ ଆଖିରେ
ବିଦାରୁଥିଲା କେବଳ ।

ପୁଣି ଦିନେ
ମା'ର ଅଂଧାରି ଦୁନିଆଁରେ
ଆଲୋକର ଛୋଟ ଶିଖାଟିଏ
ଜଳିଲା...
ମା' ଦେଖୁଁ ଦେଖୁଁ
ସେଇ କୋଠରୀ
ସମୟ ସାଥୀରେ
ସୂର୍ଯ୍ୟପରି ପ୍ରସାରିତ ହେଲା
ଯେଉଁଠି କାଛରେ
ତମର ବାଇଶିବର୍ଷର ପୁରୁଣା ଫଟୋ
ଫୁଲରେ ସଜାହୋଇ
ଟଙ୍ଗା ହୋଇଥିଲା ।

ବାପା,
ତମକୁ ଏବେ
ସତରେ ଜଣାନଥିବ ଯେ
ମାଆ, ଏ ବୟସରେ ବି
କେତେ ସୁନ୍ଦର ଦିଶୁଛି ।

Source: Author, Digitized by PPRACHIN, SOA

ଆଉ ଏଇ
ପ୍ରେମିକା ମା'କୁ ଦେଖି
ମୁଁ କେମିତି ପାଗଳୀ ନ ହେବି ?
ମୋ ପ୍ରେମିକା ମାଆ
ଏବେ ବିଲ୍‌କୁଲ୍
ମୋ ନିଜପରି ଲାଗୁଛି
ଯେମିତି ମୋର କେଉଁ ସ୍କୁଲ ସାଙ୍ଗ...
ଚୁଲ୍‌ବୁଲି, ଦୁଷ୍ଟ, ହସ ହସ ।

ଏବେ ତାକୁ ଦେଖିଲେ
ଜମା ଲାଗୁନି ଯେ
ଏଇ ସ୍ତ୍ରୀ ଲୋକ
ତମରି ବିଧବା ।

ଏବେ ତାକୁ ମୁଁ
ଖାଲି ପ୍ରେମ କରିବା ନୁହେଁ
ନିଜ ପ୍ରେମକୁ ଲୁଚେଇବା
ବଞ୍ଚେଇବାର ବି ଦେଖୁଛି ।

ଆଉ ଦେଖ ତ
ସେ ମୋ ଆଗରେ
ଏମିତି ଅଭିନୟ କରୁଛି
ଯେମିତି ତା' ପ୍ରେମ ବିଷୟରେ
ମୁଁ କିଛି ବି ଜାଣିନି... ।

***

Source: Author, Digitized by PPRACHIN, SOA

ଏଇ ଜୋର୍‌କରି ଲେଖାହୋଇଥିବାକୁ ହିଁ

ଘରେ ଗୃହିଁନ୍ତି
ଏ ବିଷୟରେ
କାହାକୁ କିଛି କୁହାନଯାଉ
ଯେତେଦୂର ସଂଭବ
ନିଜ ସହିତ ବି
ଏକଥା ନ ଉଠୁ ।

ଏ ସମ୍ବନ୍ଧରେ
କିଛି କହିଲେ
କିଛି ହେବାର ନାହିଁ
ଯା'ଠୁଁ ଭଲ
ସିଲଟ ଉପରେ ଇ
ଜୋର୍ କରି ଲେଖା ହୋଇଥିବା
ବିଷୟକୁ, ଲିଭାଇବାର
ଚେଷ୍ଟା କରାଯାଉ ।

ଏହାଠାରୁ ଆଉ କ'ଣ ଭଲ
ଯେ ଏଯାଏଁ, ଏକଥା
କେହି କାହାକୁ କହିନାହିଁ
ଚୁପ୍‌ଚାପ୍ ଗ୍ରୁଲିଆସିଛି
କେହି କିଛି ହେବାର ବି
ଦେଖି ନାହାଁନ୍ତି ।

କାହାକୁ କିଛି
ଜଣାପଡ଼ିବ ନାହିଁ

Source: Author, Digitized by PPRACHIN, SOA

ଯେତେବେଳେ
ତେବେ କୋଉଠିକାର ବଳାତ୍କାର ?
କେମିତିକା ବଳାତ୍କାର ?
କେତେବେଳେ
କାହା ସହିତ ବଳାତ୍କାର ?
ଧୀରେ ଧୀରେ ସବୁ ଠିକ୍ ହୋଇଯିବ
ଦେହରୁ ଆଞ୍ଚୁଡ଼ାଦାଗ ଲିଭିଯିବ
ଆଖିରୁ, ଧୀରେ ଧୀରେ ଉଭେଇଯିବ
କାମାନ୍ଧ ଚେହେରା ।

ଘରେ ଗୃହାଁନ୍ତି
ସେ ନିଜର ଘା'
କାହାକୁ ନ ଦେଖାଉ
ଆଖିରୁ ଲୁହ ପୋଛିଦେଉ
ଭଲଭାବରେ ଧୋଇପକାଉ ଯୋନି
କିଛିଦିନ ଘରୁ ନ ବାହାରୁ
ବାକି ରହିଲା ବଳାତ୍କାରୀର କଥା
ତାକୁ ଦଣ୍ଡ ଦେବାକୁ ତ
ଈଶ୍ୱର ଅଛନ୍ତି ନା ।

***

Source: Author, Digitized by PPRACHIN, SOA

ସ୍ତ୍ରୀ - ସୁବୋଧିନୀ

ଆମକୁ ଆମର
ଗୋଟିଏ ବୋଲି ପୁଅ ପାଇଁ
ଏମିତି ବୋହୂଟିଏ ଦରକାର
ଯିଏ ଦୁନିଆଁର
ସବୁଠୁଁ ଭଲ ବୋହୂ ହୋଇଥିବ
ଓ ତାକୁ ଜଣା ବି ନଥିବ
ଯେ ସେ ଦୁନିଆଁର
ସବୁଠୁଁ ଭଲ ବୋହୂ ।

କଥା କହିପାରୁଥିଲେ ବି
ଯିଏ ମୂକ ହୋଇଥିବ
ଚିହ୍ନିନଥିବ 'ନାହିଁ' ଶବ୍ଦକୁ
ଆଉ 'ହଁ' ସବୁବେଳେ
ତା' ଜିଭର ଦରଜା ବାହାରେ
ହାତଯୋଡ଼ି, ଦାସଟିଏ ପରି
ଠିଆ ହୋଇଥିବ ।

ଯାହାର ଦୁଇଗୋଡ଼ ତ
ଠିକ୍‌ଠାକ୍ ଥିବ
ହେଲେ ସେ ଛୋଟୀ
ନା ଚାଲିବା ଜାଣିଥିବ
ନା ଦୌଡ଼ିବା,
ନାଚିବା ତ
ବିଲ୍‌କୁଲ୍ ଆସୁନଥିବ ତାକୁ

Source: Author, Digitized by PPRACHIN, SOA

ଆଉ ରାଗରେ ଗୋଡ଼ କଚାଡ଼ିବାର
ତାକୁ କେହି କେବେ ଦେଖିନଥିବେ ।

ଯାହାର କାନ ତ ଥିବ
ହେଲେ ଆମ ଘର ଲୋକଙ୍କ
ଡାକ ଛଡ଼ା
ବାହାରର କିଛି ଡାକ
ଶୁଭୁନଥିବ ତାକୁ ।

ଆଖି ଥିବ ଓ
ଦୂରଯାଏ ଦେଖିବା ଯୋଗ୍ୟ
ହୋଇଥିଲେ ବି
ତା'ର ଘର ବାହାରକୁ
ଦେଖିବାର, ଇଚ୍ଛା ହିଁ ନଥିବ ।

ଯାହା ପାଖରେ
ବହୁତ ଡିଗ୍ରୀ ତ ଥିବ
ହେଲେ ସେ ଟିକିଏ ବି
ଶିକ୍ଷିତା ହୋଇନଥିବ
ଦସ୍ତଖତ କରିବା ନାଁରେ
ସେ ବୁଢ଼ା ଆଙ୍ଗୁଠି ଟିପରେ
କାଳି ଲଗେଇ, ବଢ଼େଇଦେଇ ପାରୁଥିବ
ଓ ନିଜ ଡିଗ୍ରୀକୁ
ବାଜେ କାଗଜର ଟୁକୁରା ଭାବି
ଛାଡ଼ିଆସିଥିବ ବାପଘରେ ।

ସେ ଏମିତି ଯେ
ସମସ୍ତେ ତାକୁ ଗୃହିଁ ରହିବେ
ଓ ବାରଂବାର କହିବେ
ନିଜ ପୁଅ ପାଇଁ

Source: Author, Digitized by PPRACHIN, SOA

କି ବୋହୁ ଖୋଜି ଆଣିଛନ୍ତି ମ !
ହେଲେ ସେ
ନା ନିଜ ରୂପକୁ
ବାରମ୍ବାର ଆଇନାରେ ଦେଖିବ
ନା ନିଜକୁ, ଆମଘରର
ମାମୁଲି ଦିଶୁଥିବା ଝିଅଙ୍କଠାରୁ
ବେଶି ସୁନ୍ଦର ଭାବିବ ।

ଯାହାର ବାପଘର ଲୋକେ
ଆମ ଘରକୁ
ସମୟଠୁଁ ବଳି
ଓ ସତ୍ୟଠୁଁ ବି ଅଧିକ
ମାନିକରି ଚଳିବେ
ଓ ବାରମ୍ବାର ଏକଥା କହୁଥିବେ
ଯେ ଆପଣଙ୍କ ଘରେ
ଝିଅ ଦେଇ, ଆମେ ଧନ୍ୟ ହୋଇଯାଇଛୁଁ
ଆମର ଏତେ ଯୋଗ୍ୟତା କାହିଁ ?

ଯାହାକୁ
ବିଲ୍‌କୁଲ୍ କାନ୍ଦି ଆସେନା
ଚିତ୍କାର କରିବା ସେ ଜାଣେନା
ଆଉ ତା' ପିଠି ଏମିତି ଯେ
ସେଥିରେ କେବେ ବି ପଡ଼େନା
ନୀଳଦାଗ... ।

ତା' ଗାଲଉପରେ
ଆଙ୍ଗୁଳିର ଛାପ ପଡ଼େନା
ଆଉ ମାଡ଼ଖାଇବା ବେଳେ
ସେ ତହଳବିକଳ ହୁଏନା
ହସୁଥାଏ... ।

Source: Author, Digitized by PPRACHIN, SOA

ଯାହା ଚେହେରାରୁ
ପୀଡ଼ା ଉଛୁଳେ ନାଇଁ
ଦୁଃଖ ଦେଖାଦିଏନା
ଯାହା ଆଖିରେ
ଯାହା କଥାରେ
ବାଜିଉଠେନା କଷ୍ଟ
ଯାହାକୁ ଖୋଜିବାକୁ
ଆମକୁ ଯିବାକୁ ପଡ଼େନା
କେଉଁଆଡ଼େ... ।

ତା' ବାପା
ନାକ ରଗଡ଼ି,
ଦୟିନୀ କରି
ଆମ ଘରକୁ ଆସେ.
ଆଉ ଆମେ ତା' ଉପରେ
କୃପା କରି, ତା' ଝିଅକୁ
ବୋହୂ ରୂପରେ
ଆମ ପୁଅ ପାଇଁ ରଖିନେଉ ।

***

Source: Author, Digitized by PPRACHIN, SOA

ଆଜିକାଲି ତମେ ଯାହାକୁ ପ୍ରେମ କରୁଛ

ତମକୁ ଜଣାଅଛି
ଆଜିକାଲି ଯାହାକୁ ତମେ
ପ୍ରେମ କରୁଛ
ତା'ର ଜାତି କ'ଣ ?

ଯାହାକୁ ତମେ
ନିଜର ସର୍ବସ୍ୱ ସମର୍ପି ଗ୍ଲିଛ
ଲଗାତାର, ସେ ତମକୁ
ସେ ତମକୁ ସବୁବେଳେ
କହିଗ୍ଲିଥିବା ଏ କଥାର
ମର୍ମ ବୁଝୁଛ ଟି ?

ଯେ ନିଜ ବିଷୟରେ
ଗୋଟିଏ କଥା, ମୁଁ ତମକୁ କହୁନି
ମୁଁ ସେ କଥା ଲୁଚାଉନି
ହେଲେ ମୁଁ ତମକୁ
ସେ କଥା କହିବାକୁ ଗ୍ହୁଁନି ।

ସେ କଥାଟି ତା'ର ଜାତି ବିଷୟରେ ।

ତମର ପ୍ରେମ
ତମକୁ ଏ କଥା କେବେ
ଭାବିବାକୁ ଦେଇନି
ଯେ ଏମିତି କାହିଁକି ହୁଏ
ଯେତେବେଳେ ଜାତିକୁ ନେଇ

Source: Author, Digitized by PPRACHIN, SOA

ସମସ୍ତଙ୍କ ଭିତରେ ଆଲୋଚନା ଚାଲେ
ସେ ଚୁପ୍ ରହିଯାଏ
ନିଜ ଜାତିକୁ ନେଇ
କିଛି କଥାବାର୍ତ୍ତା କରେନା
ଆଉ ଯା' ବି ଇଚ୍ଛାକରେ
ଯେ ଏଇ କଷ୍ଟଦାୟକ ଆଲୋଚନା
କେମିତି ଶୀଘ୍ର ବଦଳିଯାଉ !

ଯେତେବେଳେ
ଛୋଟ ଜାତିକୁ ନେଇ
ତମର ଘୃଣା ବର୍ଷା କର
ସେତେବେଳେ ସେ ତମଠୁଁ
ଆଖିଫେରେଇ ନିଏ
କାହିଁକି ସେ ତମକୁ
ନିଜ ଜାତିକୁ ନେଇ
ହଠାତ୍ କିଛି ଉତ୍ତର ଦିଏନା
କାହିଁକି ତମ ଆଗରେ
ନିଜର ପରିଚୟ କହିବାକୁ
ଟାଳିଦିଏ ଭୟରେ !

କି ତମେ ତା' ଜାତି
ଜାଣିଲାପରେ
ତାକୁ ଛାଡ଼ିଦେବନି ତ !
କହିବାକୁ ଚାହିଁ ବି
କହିପାରେନା ତମକୁ
ତମେ,
ଯିଏ ତାକୁ ଛାଡ଼ିବାକୁ
ଆଦୌ ରାଜି ନୁହଁ
ତା' ସହିତ ବିତାଇବାକୁ ଚାହଁ ଜୀବନ
ସ୍ୱୀକାର କର ଯେ

Source: Author, Digitized by PPRACHIN, SOA

ସେ ହିଁ ତମପ୍ରତି ସବୁଠୁଁ ବେଶୀ
ସମ୍ବେଦନଶୀଳ ।

ମତେ ଲାଗୁନାହିଁ ଯେ
ତା'ର ଅସଲ ପରିଚୟ
ଜାଣିଲାପରେ, ତମ ଭିତରେ
ତା' ପାଇଁ ବହୁଥିବା
ପ୍ରେମର ଏଇ
ଅପାର ସ୍ରୋତ
ଆଉ ରହିପାରିବ ।

ତା'ର ଜାତି...
ଏହି କୋଳାହଳ
ତମ କାନକୁ ସ୍ତବ୍ଧ କରିଦେବ
ତା'ର ଜାତି ପ୍ରତି
ସବୁବେଳେ ଉଠୁଥିବା ଆଙ୍ଗୁଳି
ତମକୁ ଆଖି ବନ୍ଦ କରିବା ଲାଗି
ବିବଶ କରିବ
ଓ ଏସବୁ
ତମର ପସନ୍ଦର ପୁରୁଷ
ବାଛି ନ ପାରିବା ଯୋଗୁଁ ନୁହେଁ
ତା'ର ଛୋଟ ଜାତି ହୋଇଥିବାର
କାରଣରୁ ହିଁ ହେବ ।

କେଜାଣି
ଏ ସବୁ କଥା ଶୁଣି ଶୁଣି
ତମେ ରହିପାରିବ କେତେ ଅବିଚଳିତ ।

–କି ଅତିକମ୍‌ରେ ତୋର
ଜାତିଟା ତ ଦେଖିବାର ଥିଲା...

Source: Author, Digitized by PPRACHIN, SOA

ତୁ ଆଉ ଯାହା କଲେ ବି
ଆମେ ମାନିଯାଇଥାନ୍ତୁ
ହେଲେ ଏକଥା ମାନିହେବନି
ଆମେ ତା' ବିଷୟରେ
କୋଉ ମୁହଁରେ, କାହାକୁ କହିବୁ ?

କେବଳ ତମର ହେଇ ରହିବା ପାଇଁ
ତମେ ତାକୁ କେତେ ରାଣନିୟମ ପକେଇନ
କେତେ କଥା ନେଇନ
ତା' ଜିଭ ଉପରେ
ନିଜର କେତେ ଲୁଣିଆ ଲୁହ
ଝରାଇନ...

ମତେ ଲାଗୁନି ଯେ
ଯୁଗ ଯୁଗର ସନ୍ତାପ ଭୋଗିଥିବା
ତା'ର ସୀମା ଭିତରେ
ସାମିଲ୍ ହେବାକୁ ଭାବିବାମାତ୍ରେ ଇ
ତମେ କଂପିଉଠିବାରୁ ରକ୍ଷା କରିପାରିବ
ନିଜର କଲିଜାକୁ ।

ସେଥିରୁ କ'ଣ ମିଳିବ
ଯଦି ତା' ପାଇଁ ତମେ
ନିଜର ସର୍ବସ୍ୱ ଲୁଟାଇବାର
ଓ ସେ ତମ ପାଇଁ
ମୁଣ୍ଡ କଟାଇବାକୁ, ତିଆର ହେଇଯାଅ
ମୁଣ୍ଡ କଟିଯାଇପାରେ
ପରିଚୟ ନୁହେଁ ।

ତମେ ଯେତେବେଳେ ବି
ତା' ସହିତ ଜୀବନ ବିତାଇବା
କଥା କୁହ,

Source: Author, Digitized by PPRACHIN, SOA

ସେ ମୁଣ୍ଡ ଝୁଙ୍କାଇ ଦିଏ
ସାଙ୍ଗ ହୋଇ ଗ୍ଲିବା କଥା
ଶୁଣିଲେଇ
ତା' ପାଦ ଅଟକିଯାଏ
ଏଇଥିପାଇଁ ନୁହେଁ ଯେ
ସେ ଖୁବ୍ ଦୁର୍ବଳ ।

ବରଂ ଏଇଥିପାଇଁ ଯେ
ସେ ତମକୁ ବହୁତ ପ୍ରେମ କରେ
ସେ ଆଦୌ ଗ୍ହେଁନା
ଯେ ତା' ପ୍ରେମ ଜାଗାରେ
ତମେ ସାରା ଜୀବନ
ତା' ଜାତିର ବୋଝ ଉଠାଅ ।

ଦେହରେ ପଶି ରହିଯାଉଥିବା
ଏଇ ଜାତିର ଫାଶକୁ
ଆଜି ତମେ ଗ୍ପିଦେଇପାର
ହେଲେ ଜରୁରୀ ନୁହେଁ
ଏହା ସବୁଦିନ ଭିତରେ
ଚପି ରହିବ
କେବେ ଉଠିଆସିବ ନାଇଁ ।

କିଏ ଜାଣେ
କାଲି ଏଇ ଫାଶ
ତମକୁ ବାରମ୍ବାର
ଗଭୀର ନିଦରୁ ଉଠେଇ
ତମ ପାଖରେ ଶୋଇଥିବା ପୁରୁଷକୁ
ତା' ଜାତି ସଂପର୍କରେ
ସଚେତନ କରିଦେବ ।

***

Source: Author, Digitized by PPRACHIN, SOA

ପୁରୁଷ

ଥରେ ମୁଁ ତାକୁ
ନିଜ ଆଗରେ ବସାଇ
ଆଦରରେ ବୁଝାଇବାକୁ
ଚେଷ୍ଟା କଲି ତ
ସେ ମୋ ଉପରେ
ଖୁବ୍ ରାଗିଯାଇ, ଚିତ୍କାର କଲା ।

ଏବେ କ'ଣ ଆମର
ବୟସ ଗଡ଼ିଗଲାଣି
ଯେ ଆମେ ଆଉ କାହାର
ପିଲାକୁ ପୋଷିଆଁ କରିବା ?

ମୋର ଭଗବାନଙ୍କ ଉପରେ
ପୂରା ଭରସା ଅଛି
ମୁଁ କେବେହେଲେ ବି
ତମ ପିଲାର
ମାଆ ହେଇପାରିବି
ଆଉ ତମେ
ନିଜ ପିଲାର ବାପ
ଲୋକଙ୍କର କ'ଣ
ଡେରିରେ ପିଲାଛୁଆ ହୁଏନି ?

ମୁଁ ପୁଣିଥରେ
ତା' ସହିତ
ବୁଝାମଣାର ଖେଳ
ଖେଳୁ ଖେଳୁ ହାରିଗଲି

Source: Author, Digitized by PPRACHIN, SOA

ନିଜ ଫାଶରେ ଇ
ନିଜକୁ ବାନ୍ଧୁ ବାନ୍ଧୁ
ଫିଟଉ ଫିଟଉ
ସବୁଦିନ ପରି
ଜଣେ ପରାଜିତ ସୈନିକ ପରି
ମୁଁ ପୁଣି, ମୋ ଭିତରର
କୋପଭବନକୁ ପଶିଗଲି ।

ତାକୁ କେମିତି ବୁଝେଇବି
ଯେ ମୋ ଶିରାରେ
ଯଦି ଆବଶ୍ୟକ ଉପାଦାନ ନାହିଁ
ତ ଭଗବାନ କ'ଣ କରିପାରିବେ ?

ସେ କ'ଣ ଆସି
ମୋ ବୀର୍ଯ୍ୟରେ
ତାଙ୍କ ବୀର୍ଯ୍ୟ ମିଶେଇପାରିବେ ?
ନା କି
ତା' ପୂଜାପାଠରେ ପ୍ରସନ୍ନ ହୋଇ
ଚୁପ୍‌ଚାପ୍ ତା' ବିଛଣାକୁ ଆସି
ତା' ଗର୍ଭରେ ରୋପଣ କରିପାରିବେ ବୀଜ !

ଏଇ କାମଟି ତ
କେହି ପୁରୁଷ ହିଁ କରିବ
ଓ ନିଶ୍ଚିତ ଭାବେ
ମୁଁ ସେହି ପୁରୁଷ ନୁହେଁ ।

ମୁଁ ତାକୁ
ଭଲଭାବରେ ବୁଝେଇବାକୁ ଚାହେଁ
ଯେ ଏଇ ଗୋଟିଏ ରାସ୍ତା ଛଡ଼ା
ଆମ ପାଖରେ
ଆଉ କିଛି ବାଟ ନାହିଁ
ଯେ ଆମେ,

Source: Author, Digitized by PPRACHIN, SOA

ବିଜ୍ଞାନକୁ ଭୟକରି
ଗୋଟେ ମୁଣ୍ଡିଆ ପଛରେ
ଥକିପଡ଼ିଥିବା ଈଶ୍ୱରଙ୍କ ଜାଗାରେ
ଜଣେ ମଣିଷକୁ ଭରସା କରିବା ।

ହେଲେ ସେ'ତ ମୋ କଥା
ଶୁଣିବାକୁ ଜମାରୁ ରାଜି ନୁହେଁ
ସେ ନିଜ ଗର୍ଭରୁ ମୋରି ପିଲାକୁ
ଜନ୍ମଦେବାକୁ ଗ୍ରହେଁ
ଅବଶୋଷ ଯେ ସେଥିପାଇଁ
ସେ ମୋ'ଠିଁ
ଆଶା ଲଗାଇ ବସିଛି ।

ମୁଁ ତାକୁ କେତେଥର
ଏ ବିଷୟରେ ବୁଝାଇବାକୁ
ଚେଷ୍ଟା କରିଛି ।

କିନ୍ତୁ ସବୁଥର ସେ
'ତମଠିଁ କିଛି ଅସୁବିଧା ନାହିଁ'
କହି, ମତେ ନିରୁତ୍ତର କରିଦେଇଛି ।

ତମ କଥା ମୋଠୁଁ
କିଏ ବେଶୀ ଜାଣେ ?
ଏ ବାବଦରେ ତମଠୁଁ
ବେଶୀ ସୈତାନ
କେହି ହେଇପାରିବେ ନାଇଁ ।

ତା'ର ଏଇ ଆଦିମ ଇଚ୍ଛା
ମତେ ବରାବର
ବ୍ୟତିବ୍ୟସ୍ତ ହେବାକୁ ବାଧ୍ୟ କରେ
ତା'ର ଏଇ ଜିଦ୍ ବିଷୟରେ ମୁଁ ନାନା କଥା ଭାବେ
ଭାବେ କ'ଣ ?

Source: Author, Digitized by PPRACHIN, SOA

ଭିତରେ ଭିତରେ ଛଟ୍‌ପଟ୍ ହୁଏ
କୋଉବାଟେ କ'ଣ
ତା'ର ଏଇ ଇଚ୍ଛା
ପୂରଣ ହେଇପାରନ୍ତା ନାହିଁ ?

ଏମିତି କ'ଣ ହୁଅନ୍ତା ନାଇଁ
ଯେ, ମୁଁ ନଥିବା ବେଳେ
କେହି ଆସନ୍ତା
ଓ ତା' ସହିତ ବଳାତ୍କାର କରନ୍ତା
ସେ ସହିଯାଆନ୍ତା ଚୁପ୍‌ଚାପ୍
କାହାକୁ କୁହନ୍ତା ନାଇଁ କିଛି
ମତେ ବି ନୁହେଁ
ଓ ପୁଣି ଯେଉଁ ପରିଣାମ ହୁଅନ୍ତା
ତା' ମୋର ବୋଲାନ୍ତା... ।

ଗୋଟିଏ କଥା, ମୁଁ ତାକୁ
ପ୍ରତିଥର ପଗ୍ଭରିବାକୁ ଭାବେ
ହେଲେ ପ୍ରତିଥର ଅଟକିଯାଏ ।

ତା'ର କ'ଣ କେହି
ପୁରୁଣା ପ୍ରେମିକ ନାହାଁନ୍ତି
ଯଦି ଅଛି ତ
ଏବେ କ'ଣ ସେ
ତା' ସହିତ ମିଶେ ?
ଯଦି ମିଶେ ତ
କେତେ ମିଶେ !
ମତେ ଲାଗୁଛି, ସେ ତା' ସହିତ
ସେତିକି ମିଶେ ନାହିଁ
ଯେତିକି ମୋ ସହିତ ମିଶେ
ଅନ୍ୟଥା ମୋ କପାଳରୁ
ଏ କଳଙ୍କ, କେବେଠୁଁ ପୋଛିହେଇ ଯା'ନ୍ତାଣି ।

Source: Author, Digitized by PPRACHIN, SOA

ଲାଗୁଛି ତା'ର କେହି
ପ୍ରେମିକ ଇ ନାହାଁନ୍ତି
ଯଦି ଥାଆନ୍ତା ତ
ଆଜି କେଡ଼େ କାମରେ ଆସନ୍ତା !

ଏମିତି ହୁଅନ୍ତାନି
ଯେ ସେ ଘରେ ଇ
ଏମିତି ସେମିତି କିଛି କରିଦିଅନ୍ତା
ନ ହେଲେ ଏମିତି କ'ଣ
ସମସ୍ତେ ମୋରି ପରି ଅପାରଗ ?

ଜଣେ କାହାକୁ
କରନ୍ତା ନିଜର ଭାଗୀଦାର
ଏମିତି ନୁହେଁ ଯେ
ଏପରି କାମ ଦୁନିଆଁରେ ହୁଏନା
ପୁଣି ଠିକ୍ ବି ହୁଅନ୍ତା
ଘରର ସୁଖ
ଘରେ ଇ ରହିଯାନ୍ତା
ଲହୁଣୀ ବି ମିଳିଯାନ୍ତା
ଠେକି ବି ଭାଙ୍ଗନ୍ତା ନାହିଁ ।

ମୁଁ ଭାବେ
ଓ ପୂରା ନିର୍ଲଜ ପରି ଭାବେ
ନିଜ ସ୍ତରରୁ
ତଳକୁ ଖସିପଡ଼ି ଭାବେ
ଯେ ଶେଷକୁ
କେଉଁ ସଙ୍କେତରେ ତାକୁ
ଏ ସବୁ ବୁଝେଇବି ।

ଏଇ ମାମଲାରେ
ଶେଷକୁ ତାକୁ ଇ ତ
ସବୁକିଛି କରିବାକୁ ହେବ ନା !
ସବୁକିଛି ତାରି ସହିତ ତ ହେବ ।

Source: Author, Digitized by PPRACHIN, SOA

କେବେ କେବେ ତ ଭାବେ
ଯେ ତା' ପାଖକୁ
ଆଉ କାହାକୁ ପଠେଇଦିଅନ୍ତି
ଓ ନିଜେ ଲାଠିଧରି
କବାଟ ପାଖରେ ଠିଆ ହେଇଯାନ୍ତି ।

ଏ କଥା ଜାଣିବି
ଯେ ବାଜି ମୋ ହାତରୁ
ଖସିଯାଇପାରେ
କଥା ବିଗିଡ଼ି ଯାଇପାରେ ।

ତଥାପି, ପିଲାଟି ପାଇବାକୁ
ପୁରୁଷଟିଏ ହିସାବରେ
ସବୁ କରିବାକୁ ପ୍ରସ୍ତୁତ ଅଛି ମୁଁ ।

ଶେଷକୁ ଏ କଥା ତ
ଖାଲି ତା' ଭିତରେ
କି ମୋ ଭିତରେ
ନ ହେଲେ ଆମ ଦୁହିଁଙ୍କ ଭିତରେ
ରହିବ ନା... ।

ତା'ପରେ ଦୁନିଆଁ
ଯାହା ଅନୁମାନ କରୁଛି କରୁ
ଯେତେବେଳେ ଆମେ ଦୁହେଁ
ମୁହଁ ଖୋଲିବା ନାଇଁ
ସେତେବେଳେ
ଦୁନିଆଁର ଖୋଲାମୁହଁକୁ
କିଏ ଦେଖୁଛି ?

ଓ ଯେତେବେଳେ
ମୁଁ ଏପରି ଭାବେ
ସେତେବେଳେ, ମତେ ତା'
ଜିଦ୍, ଭାରି ଭଲଲାଗେ ।

Source: Author, Digitized by PPRACHIN, SOA

ଯଦିଓ ମୁଁ
ଗୋଟିଏ ପିଲାକୁ
ନିଜ ପିଲାପରି ପୋଷ୍ୟ ନେବାକୁ ଚାହେଁ
କିନ୍ତୁ ତା' ଆଗରୁ
ମୁଁ ବି ଚାହେଁ ଯେ
ମୋ ସ୍ତ୍ରୀ ଗର୍ଭରୁ
ପିଲାଟିଏ ଜନ୍ମନେଉ
ଯିଏ ମୋରି ପିଲା ବୋଲାଇବ
ଯାହାକୁ ମୋ ସ୍ତ୍ରୀ
ମୋ ପିଲା ବୋଲି କହିବ
ଓ ମୋ ସ୍ତ୍ରୀ ଆଗରେ
ମୁଁ ତାକୁ ମୋର କହିପାରିବି ।

ଯାହାର ଜନ୍ମ ନେବାର
କିଛିଦିନ ପରେ
ମୁଁ ବାକ୍ସରୁ
ମୋ ମେଡିକାଲ୍ ରିପୋର୍ଟ
କାଢ଼ିବି, ଓ ଚୁପ୍‌ଚାପ୍ ନେଇ
ନିଆଁରେ ଜଳେଇଦେବି ।

--*

Source: Author, Digitized by PPRACHIN, SOA

ଜନ୍ମ : ୧୯୫୨ ମସିହା ଡିସେମ୍ବର ୧୬ ତାରିଖ

ଜନ୍ମସ୍ଥାନ : ଗରାପୁର, କେନ୍ଦ୍ରାପଡ଼ା

ସଂପ୍ରତି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ପ୍ରାଧାପିକା ଭାବେ କାର୍ଯ୍ୟରତ ।

ପ୍ରକାଶିତ କାବ୍ୟ ସଂକଳନ

- ଅବ୍ୟକ୍ତ ଆତ୍ମୀୟତା
- ଅସତୀ
- ନିଃଶବ୍ଦରେ
- ଅତିଥି
- ପୂର୍ଣ୍ଣତମା
- ଝିଅପାଇଁ ଝର୍କାଟିଏ
- ନଷ୍ଟନାରୀ

ଅନୁବାଦ:-

- ପୋଖରାଜ(କବିଗୁଲ୍‌ଜାର)
- ଆଉ କେହି ନୁହେଁ

(କବିକୁଅଁର ନାରାୟଣ,
ସାହିତ୍ୟ ଅକାଦେମି ଅନୁଦାନ ପ୍ରାପ୍ତ)

ଗବେଷଣା ନିବନ୍ଧ:-

- ଓଡ଼ିଆ ଉପନ୍ୟାସରେ ନାରୀଚରିତ୍ର

Source: Author, Digitized by PPRACHIN, SOA

ପବନ କରଣ
ଜନ୍ମ: ୧୯୬୪

ପ୍ରକାଶନ: ଦେଶର ସମସ୍ତ ମହତ୍ତ୍ୱପୂର୍ଣ୍ଣ ସାହିତ୍ୟ ପତ୍ର ପତ୍ରିକାରେ କବିତା, ସମୀକ୍ଷା, ଲେଖା ଏବଂ ସାକ୍ଷାତକାର ପ୍ରକାଶିତ । ତାଙ୍କ କବିତାର ଅନୁବାଦ ପ୍ରାୟତଃ ସମସ୍ତ ଭାରତୀୟ ଭାଷା, ଇଂରାଜୀ, ନେପାଳୀ, ଅସମୀୟା, ଓଡ଼ିଆ, ବାଙ୍ଗଲା, ପଞ୍ଜାବୀ, ତାମିଲ୍, ତେଲୁଗୁ, ମଲୟାଲମ୍, ମରାଠିରେ ପ୍ରକାଶିତ ଏବଂ ବିଭିନ୍ନ ସଂକଳନମାନଙ୍କରେ ସଂକଳିତ ।

ପିଲାଙ୍କ ନିମନ୍ତେ ଦୁଇଖଣ୍ଡ କବିତା ସଂକଳନ ପ୍ରକାଶିତ । 'ଇସ୍ ତରହ ମୈ', 'ସ୍ତ୍ରୀ ମେରେ ଭିତର' ଦୁଇଟି କାବ୍ୟ ସଂକଳନ ପ୍ରକାଶିତ । ପ୍ରଥମ ବହି ପାଇଁ 'ରାମ ବିଲାସ ଶର୍ମା' ପୁରସ୍କାର (ସାହିତ୍ୟ ଏକାଡ଼େମୀ ଦ୍ୱାରା) ୨୦୦୨ରେ ଏବଂ ଦ୍ୱିତୀୟ ପୁସ୍ତକ ପାଇଁ ମ.ପ୍ର. କଳାପରିଷଦର ପ୍ରତିଷ୍ଠିତ 'ରଜା ପୁରସ୍କାର' । ବର୍ଷ ୨୦୦୬ ରେ ରୁଷର 'ପୁଷ୍କିନ୍ ସମ୍ମାନ' ଏବଂ ୨୦୦୭ ରେ ରାଗ ବିରାଗ କଳାକେନ୍ଦ୍ର, ଦିଲ୍ଲୀର 'ଶୀଲା ସିଦ୍ଧାନ୍ତକର ସ୍ମୃତି ସମ୍ମାନ' ।

ସଂପର୍କ:
ସାବିତ୍ରୀ ୧-୧୦, ସାଇଟ୍ ନଂ-୧, ସିଟି ସେଣ୍ଟର,
ଗୋଆଲିୟର- ୪୭୪୦୦୨ (ମ.ପ୍ର.)
(ମୋ) : ୦୯୪୨୫୧-୦୯୪୩୦

E.Mail: pawankaran64@rediffmail.com
website: www. GEOCITTIES.COM/PAWAN KARAN THE POET

ଜ୍ଞାନଯୁଗ ପବ୍ଲିକେଶନ
ଭୁବନେଶ୍ୱର

ISBN-978-81-89726-97-8

Source: Author, Digitized by PPRACHIN, SOA